ବର୍ଷ-୨୫, ସଂଖ୍ୟା-୨୩୯
ଭୁବନେଶ୍ୱର
୦୬, ସେପ୍ଟେମ୍ବର, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 239
Bhubaneswar
06, September, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ୭୦ଜଣ ମାଧ୍ୟମିକ ଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ଶିକ୍ଷା ପୁରସ୍କାର

ଭୁବନେଶ୍ୱର,୫।୯(ମହାଭାରତ): ଆଜିକାଲି ବିଭିନ୍ନ କ୍ଷେତ୍ରରେ ସୁଯୋଗ ଅସିମୀତ ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ ପିଲା ମାନଙ୍କୁ ନିଜ ଇଛାରେ ଉଡିବାକୁ ଦିଅନ୍ତୁ, ସ୍ୱପ୍ନ ଦେଖିବାକୁ ସୁଯୋଗ ଦିଅନ୍ତୁ ଏବଂ ସ୍ୱପ୍ନକୁ ପୂରଣ କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମହାନ ରାଷ୍ଟ୍ରନୀତିଜ୍ଞ, ଆଦର୍ଶ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଡଃ ରାଧାକ୍ରିଷ୍ଣନ ପ୍ରତ୍ୟେକ ବିଦ୍ୟାର୍ଥୀ ତଥା ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ହେଉଛନ୍ତି ଆଦର୍ଶ ସେ କେବଳ ଜଣେ ବିଶିଷ୍ଟ ଶିକ୍ଷାବିତ, ଦାର୍ଶନିକ କିମ୍ବା ରାଷ୍ଟ୍ରନୀତିଜ୍ଞ ନଥିଲେ, ସେ ଥିଲେ ଭାରତବର୍ଷର ଜଣେ ଶ୍ରେଷ୍ଠ ଗୁରୁ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଶିକ୍ଷା ପଦ୍ଧତିରେ ଆମ ପାଇଁ ସବୁଠାରୁ ବଡ ଦୁଇଗୋଟି ଆହ୍ୱାନ ରହିଛି। ପ୍ରଥମଟି ହେଲା ଡ୍ରପଆଉଟ୍ ହାରକୁ ଆଶାତୀତ ଭାବେ ହ୍ରାସ କରିବା ଏବଂ ଦ୍ୱିତୀୟଟି ହେଉଛି ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ବ୍ୟବସ୍ଥା ଡ୍ରପ ଆଉଟ୍ ହାରକୁ ରୋକିବା ପାଇଁ ମିଡ୍ ଡେ ମିଲ ବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏକ ସଫଳ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ଆମେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛୁ ଏବଂ ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ମଧ୍ୟ ବ୍ୟବସ୍ଥା କରିଛୁ ଜନଜାତି ବର୍ଗର ପିଲାମାନଙ୍କୁ ମଧ୍ୟ ମଧୋ ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ପ୍ରଦାନ କରାଯାଉଛି ଏହି ସବୁ ଯୋଜନା ଆଗାମୀ ଦିନରେ ଡ୍ରପଆଉଟ୍ ହାର କମ୍ କରିବାରେ ନିଶ୍ଚିତ ରୂପେ ସଫଳ ହେବ ସେହିଭଳି ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ନୂତନ ଶିକ୍ଷାନୀତି ଲାଗୁ କରାଯାଇଛି।ନୂତନ ଶିକ୍ଷା ନୀତି ଅଧୀନରେ ଛାତ୍ରଛାତ୍ରୀ ମାନଙ୍କୁ ସୃଜନଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ୍ କରିକୁଲମ ଫ୍ରେମାର୍କ ଆରମ୍ଭ କରାଯାଉଛି। ପିଲାମାନଙ୍କ ପାଇଁ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟ ମାଧ୍ୟମରେ ଭାଷା ସମ୍ପର୍କିତ ଦକ୍ଷତା ବୃଦ୍ଧି ପାଇଁ ନିପୁଣ ଓଡିଶା କାର୍ଯ୍ୟକ୍ରମ ଗତବର୍ଷଠାରୁ




ଆରମ୍ଭ ହୋଇଛି ଅଜେିଠାରୁ ପଢିବା, ଗଢ଼ିବା ଓଡିଶା କାର୍ଯ୍ୟକ୍ରମ ଆରମ୍ଭ ହେଲା ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗୁଡିକୁ ସୁନ୍ଦର ଓ ଆକର୍ଷଣୀୟ ପଠନ ସ୍ଥାନରେ ପରିଣତ କରି ସରଳ କାହାଣୀ ପୁସ୍ତକ ମାଧ୍ୟମରେ ପିଲାମାନଙ୍କର ପଢିବା ଓ ବୁଝିବା ଶକ୍ତିକୁ ବିକଶିତ କରାଯିବ।ସେ ଆହୁରି କହିଥିଲେ, ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ ପ୍ରଥମ ପର୍ଯ୍ୟାୟରେ ୫ରୁ ୭ କୋଟି ଟଙ୍କା ଖର୍ଚ୍ଚରେ ୮୩୫ଟି ବିଦ୍ୟାଳୟ ନିର୍ମାଣ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥି ସହିତ ତିନି ବର୍ଷ ମଧ୍ୟରେ ପ୍ରାଥମିକ ସ୍ତରରେ ୪୫ ହଜାର ଶିକ୍ଷକ ପଦବୀ ମଧ୍ୟ ପୂରଣ କରାଯିବ।ସେ ପୁଣି କହିଥିଲେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପ୍ରତିଭା ଉପରେ ଆମ ସମୃଦ୍ଧ ଓଡିଶାର ଭିତ୍ତି ନିର୍ଭରଶୀଳ ପିଲାମାନଙ୍କୁ କିପରି ଗାଇଡ୍ କରି ଭଲ ମଣିଷ କରିବେ ତାହା ଆପଣ ମାନେ ଭଲଭାବେ ଜାଣନ୍ତି ସେ ସବୁ ପ୍ରତିଭାକୁ ବିକଶିତ କରିବାର ଦାୟିତ୍ୱକୁ ଆପଣମାନେ ସୁଚାରୁରୂପେ ତୁଲାଇବେ ବୋଲି ମୋର ବିଶ୍ୱାସ।ଆଜି ମୁଖ୍ୟମନ୍ତ୍ରୀ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରି ପ୍ରଥମ ସ୍ଥାନରେ ଥିବା ଝାରସୁଗୁଡା ଜିଲ୍ଲାକୁ ୩ କୋଟି ଟଙ୍କା, ଦ୍ୱିତୀୟ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାକୁ ୨ କୋଟି ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଜଗତସିଂହପୁର ଜିଲ୍ଲାକୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି ସେହିଭଳି ୭୦ ଜଣ ଶିକ୍ଷକଙ୍କ ସମେତ ତିନୋଟି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ତିନି ଜଣ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ୧୦ ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରିଛନ୍ତି ଏଥିସହିତ ନିଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଅନୁସୂଚିତ ଜନଜାତି ବର୍ଗର ଦୁଇ ଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଧାରିତ ଓଡ଼ିଶା କରିକୁଲମ ଫ୍ରେମଓ୍ୱାର୍କ ଫର୍ ସ୍କୁଲ ଇଜୁକେସନ୍-୨୦୨୫ ପୁସ୍ତକ, ନିପୁଣ ଓଡିଶା ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରିବା ସହିତ ପଢିବା, ଗଢିବା ଓଡିଶା ଅଭିଯାନର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଥିଲେ ଆମ ସମାଜରେ ଗୁରୁ ଶିଷ୍ୟର ପରମ୍ପରା ଆଦିମ କାଳରୁ ରହିଆସିଛି। ଶିକ୍ଷକ ମାନେ ବିଦ୍ୟାର୍ଥୀ ମାନଙ୍କୁ ବ୍ୟକ୍ତିତ୍ୱ ନିର୍ମାଣ, ଶୃଙ୍ଖଳା, ଆଦର୍ଶ ସମାଜ ନିର୍ମାଣ ଆଦି ବିଷୟରେ ଶିକ୍ଷା ଦେଇ ସେମାନଙ୍କୁ ଗଢି ତୋଳିଥାନ୍ତି। ରାଜ୍ୟରେ ସର୍ବୋତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଆମ ସରକାର ପ୍ରଚେଷ୍ଟା କରୁଛନ୍ତି ଜୀବନ କୌଶଳ, ଏଆଇ, ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ଦକ୍ଷତା ବିକାଶ କରାଯାଉଛି। ଯାହାଫଳରେ ଆଗାମୀ ଦିନରେ ଛାତ୍ରଛାତ୍ରୀ ମାନେ ପାଠପଢ଼ା ଶେଷ କରିବା ପରେ ଆତ୍ମନିର୍ଭର ହୋଇପାରିବେ। ରାଜ୍ୟରେ ଡ୍ରପ ଆଉଟ୍ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଚାଇଲ୍ଡ ଟ୍ରାକିଂ ସର୍ଭେ ମାଧ୍ୟମରେ ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରେଇ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଯାହା ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛି। ଶିକ୍ଷା ବିଭାଗର ବଜେଟ୍‌ରେ ସର୍ବାଧିକ ୩୧ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି।ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁନ୍ଦରପଦା-ଜଟଣୀ ରାସ୍ତା ୩ମାସରେ ଶେଷ ହେବ



ଭୁବନେଶ୍ୱର,୫।୯(ମହାଭାରତ): ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୁନ୍ଦରପଦା ଠାରୁ ଜଟଣୀ ପର୍ଯ୍ୟନ୍ତ ନିର୍ମାଣଧୀନ ରାସ୍ତାର ସ୍ଥିତି ଅନୁଧ୍ୟାନ କରିଥିଲେ। ସାଧାରଣ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ରାସ୍ତା ନିର୍ମାଣ କାର୍ଯ୍ୟ କିପରି ଶୀଘ୍ର ଶେଷ ହୋଇପାରିବ ସେଥିନେଇ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ, ଠିକାସଂସ୍ଥା ଏବଂ ଅଞ୍ଚଳବାସୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ।

ମୋଟ ୧୩.୫ କିଲୋମିଟର ଦୀର୍ଘ ଏହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଚାରି ଲେନ କରିବା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ନିର୍ମାଣଧୀନ ରାସ୍ତା ପ୍ରଶସ୍ତିକରଣ ସମୟରେ ଆସୁଥିବା ସମସ୍ୟା ଯେପରିକି ଡ୍ରେନଏଜ, ସ୍ୱରେଜ, ଇଲେକଟ୍ରିଫିକେସନ ୟୁଟିଲିଟି ଆଦିର କାର୍ଯ୍ୟ ଶୀଘ୍ର ଶେଷ କରିବା ନେଇ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନଙ୍କ ସହିତ ମନ୍ତ୍ରୀ ଆଲୋଚନା କରିଥିଲେ। ଏଥି ସହିତ ୨୦୨୫ ନଭେମ୍ବର ଶେଷ ସୁଦ୍ଧା ପୁରା ରାସ୍ତାର ନିର୍ମାଣ ଶେଷ କରିବା ପାଇଁ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀ ମାନଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ମୁଖ୍ୟ ଯନ୍ତ୍ରୀ ରାସ୍ତା ୨ ଧାନଚାନ୍ଦ ନାୟକ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ଭୁବନେଶ୍ୱର) ମନୋଜ ମହାନନ୍ଦ, ଅଧିକ୍ଷଣ ଯନ୍ତ୍ରୀ ସଚିନ ସାହୁଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଓ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ପିପିଲି-କୋଣାର୍କ ହେବ ଗ୍ରିନ ଫିଲ୍ଡ କରିଡର

ଭୁବନେଶ୍ୱର,୫।୯(ମହାଭାରତ): ଆଜି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଓ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ପୁରୀ ଜିଲ୍ଲା ରୋଡ଼୍ ନେଟଓ୍ୱାର୍କ ନେଇ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ପୁରୁଣା ପିପିଲି-କୋଣାର୍କ ରାସ୍ତାକୁ ୭ ମିଟରରୁ ୧୦ ମିଟର ପର୍ଯ୍ୟନ୍ତ ଅଧିକ ପ୍ରଶସ୍ତ କରିବା ସହ ନୂତନ ଭାବେ ପିପିଲି-କୋଣାର୍କକୁ ନୂଆ ଗ୍ରୀନ ଫିଲଡ଼ କରିଡର ସହ ସଂଯୋଗ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହିତ ପୁରୀ ସହର ଭିତରେ ଥିବା ବିଭିନ୍ନ ରାସ୍ତା ପ୍ରଶସ୍ତି କରଣ, ନିମାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚରିଛକ ଠାରୁ ଅସ୍ତରଙ୍ଗ ଏବଂ ଜଲାରପୁର ଠାରୁ ଚରିଛକ ପର୍ଯ୍ୟନ୍ତ ୪ଲେନ ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା।

ରାଜ୍ୟ ସରକାର ବର୍ତ୍ତମାନ ସାରା ରାଜ୍ୟର ରୋଡ଼୍ ନେଟାର୍କର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଭୁବନେଶ୍ୱର-ପୁରୀ - କୋଣାର୍କକୁ ଏକ ସୁଦୃଢ ରୋଡ଼୍ କରିଡରରେ ଯୋଡିବା ନେଇ ଥିବା ପ୍ରସ୍ତାବକୁ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଓ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି।

ପିପିଲି-କୋଣାର୍କକୁ ସଂଯୋଗ କରିବାକୁ ଥିବା ନୂଆ ଗ୍ରୀନ ଫିଲଡ଼ କରିଡର ବହୁ ଗୁରୁତ୍ୱ ବହନ କରୁଛି। ଯାହାର ଲମ୍ବ ରହିବ ୪୦ କିଲୋମିଟର ୨୦୦ ଫୁଟ ଚଉଡା ୪ ଲେନ ବିଶିଷ୍ଟ। ରାସ୍ତା ନିର୍ମାଣ ହେଲେ ଯାନବାହନ ଗୁଡ଼ିକ ୧୦୦ କିମି ବେଗରେ ଗତି କରି ପାରିବ। ଫଳରେ ପିପିଲିରୁ କୋଣାର୍କ ଯିବାକୁ ସମୟ ଅବଧି ଦେଢ଼ ଘଣ୍ଟାରୁ ୩୦ ମିନିଟକୁ ହ୍ରାସ ପାଇବ। ଏହି ରାସ୍ତାର ନକ୍ସା ପ୍ରସ୍ତୁତ ସହ ଜମି ଅଧିଗ୍ରହଣ ଓ ଅନ୍ୟାନ ବିଷୟ ଉପରେ ଧ୍ୟାନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ପୁରୀ ସହର ତାଜ ଇଣ୍ଟରନ୍ୟାସନାଲ ଠାରୁ ସିଟି ରୋଡ଼୍ ଦେଇ ଜଗନ୍ନାଥ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହିତ ଶ୍ରୀ ଚୈତନ୍ୟ ରୋଡ଼୍ ଠାରୁ ବାଲିସାହି ଦେଇ ଶ୍ରୀଜଗନ୍ନାଥ ମନ୍ଦିର ରାସ୍ତା, ଦୋଳମଣ୍ଡପ ସାହି ରାସ୍ତା ଏବଂ ଝଡେଶ୍ୱରୀ କ୍ଲବ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତି କରଣ ନେଇ ସର୍ଭେ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟଯନ୍ତ୍ରୀ ଧାନଚନ୍ଦ ନାୟକ, ଶିବବ୍ରତ ତରିଆ, ରାମଚନ୍ଦ୍ର ସେଠୀ, ରଶ୍ମି ରଞ୍ଜନ ସାହୁ ଏବଂ ସୌମ୍ୟ ରଞ୍ଜନ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଶିକ୍ଷକଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ/ଭୁବନେଶ୍ୱର,୫।୯(ପିଆଇବି): ପବିତ୍ର ଗୁରୁ ଦିବସ ଅବସରରେ ଶୁକ୍ରବାର ନୂଆଦିଲ୍ଲୀ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ସମେତ ଭାରତବର୍ଷର ୮୧ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ସମ୍ମାନଜନକ ଜାତୀୟ ଶିକ୍ଷକ ପୁରସ୍କାର- ୨୦୨୫ ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ଭାରତ ସରକାରଙ୍କ ସ୍କୁଲ ଶିକ୍ଷା ଓ ସ୍ୱାକ୍ଷରତା ବିଭାଗର ୪୫ ଜଣ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରାଯାଇଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗରେ ୨୧ ଜଣ ଗୁରୁ ଏବଂ ଅନ୍ୟ ବିଭାଗର ଶିକ୍ଷକମାନେ ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ବର୍ଣ୍ଣାଢ୍ୟ ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ପ୍ରତିଭାବାନ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷା ପୁରସ୍କାରରେ ସମ୍ମାନିତ କରିବା ସହ ଆଶୀର୍ବାଦ ଓ ମାର୍ଗଦର୍ଶନ ଦେଇଥିବାରୁ ମାନ୍ୟବର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି।। ଗୁରୁ ଦିବସର ଶୁଭେଚ୍ଛା ଜଣାଇବା ସହ ସମ୍ମାନିତ ଶିକ୍ଷାବିତମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି ଯେ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଜି ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି, ପିଲମାନଙ୍କର ଜୀବନକୁ ଆଲୋକିତ କରିବା ପାଇଁ ସେମାନଙ୍କର ଆଗ୍ରହ ଓ ଇଚ୍ଛାଶକ୍ତି ପ୍ରଂଶସନୀୟ ବିଶେଷ ଭାବରେ ଶିକ୍ଷାଦାନକୁ ଅଧିକ ଆକର୍ଷଣୀୟ ଓ ଉପଯୁକ୍ତ କରିବା ଦିଗରେ ସେମାନଙ୍କ ଅଭିନବ ପାଠପଢା ଶୈଳୀ ପ୍ରେରଣାଦାୟୀ

## ଯାତ୍ରୀଙ୍କୁ ଆମ ବସ୍ କର୍ମଚାରୀଙ୍କ ଦୁର୍ବ୍ୟହାର

ଭୁବନେଶ୍ୱର,୫।୯(ମହାଭାରତ) : ଭୁବନେଶ୍ୱରରେ ବସ୍ ଭଡା ଫେରାଇବାକୁ ଆମ ବସ୍‌ର କଣ୍ଡକ୍ଟର ଓ ଯାତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଭୁବନେଶ୍ୱର ରାଜରାସ୍ତାରେ ତୁମୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଥାନାରେ ଅଭିଯୋଗ କଲା ପରେ ପୋଲିସ୍ ଆମ ବସ୍ ସହ ମହିଳା କଣ୍ଡକ୍ଟରଙ୍କୁ ଥାନାକୁ ଆଣି ପଚରା ଉଚୁରା ଚଳାଇଛି। ଅନେକ ସମୟରେ ଆମ ବସ କର୍ମଚାରୀମାନେ ଯାତ୍ରୀମାନଙ୍କ ପ୍ରତି ଦୁର୍ବ୍ୟବହାର କରୁଥିବା ଏବଂ ସହରରେ ଦ୍ରୁତ ଗତିରେ ଗାଡି ଚଳାଇ ଦୁର୍ଘଟଣା ଘଟାଉଥିବା ଅଭିଯୋଗ ଆସୁଛି।

## ସହରରେ ଚାଲିବ ୧୦୦୦ ଇ-ବସ୍

ଭୁବନେଶ୍ୱର,୫।୯(ମହାଭାରତ) ଭୁବନେଶ୍ୱର ସହରରେ ୧୦୦୦ ଇ-ବସ ଚାଲିବ। ପରିବେଶ ସୁରକ୍ଷା ପାଇଁ ଇ-ବସ୍ ଅଧିକରୁ ଅଧିକ ଚାଲିବ ବୋଲି ନଗର ଉନ୍ନୟନ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ବିଭାଗ ଆହୁରି ୨୦୦ ବସ ଆଣିବ। ପ୍ରଧାନମନ୍ତ୍ରୀ ଆହୁରି ୪୦୦ ବସ୍ ପଠେଇବାର ଅଛି। ଆମ ପାଖେ ୪୦୦ ବସ୍ ଆଗରୁ ଅଛି। ତେଣୁ ପାଖା ପାଖି ୧୦୦୦ ବସ୍‌ର ପରିକଳ୍ପନା ହୋଇଛି। ଖୁବ ଶୀଘ୍ର ଏହା କାର୍ଯ୍ୟକାରୀ ହେବ। ଏବେ ୨୫ଟି ଇ ବସ ଆସିବ, ସମ୍ବଲପୁର ପଠାଯିବ। ପୁଣି ପର୍ଯ୍ୟାୟ କ୍ରମେ ଅନ୍ୟ ବସ ଆସିବ ବୋଲି ମନ୍ତ୍ରୀ କହିଛନ୍ତି।

## ସରକାରୀ କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ୍ ନେଟଓ୍ୱାର୍କ ବ୍ୟବହାର ବାଧ୍ୟତାମୂଳକ

ଭୁବନେଶ୍ୱର,୫।୯(ମହାଭାରତ): ଭାରତ ସଂଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ପୂର୍ବ ସ୍ଥିତି ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାର ବିଏସ୍‌ଏନ୍‌ଏଲ୍ ନେଟଓ୍ୱାର୍କକୁ ମଜବୁତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଣିକି ସରକାରୀ କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ୍ ନେଟଓ୍ୱାର୍କ ବ୍ୟବହାର ବାଧ୍ୟତାମୂଳକ ବୋଲି କହିଛନ୍ତି। ଏନେଇ କଡ଼ା ନିର୍ଦ୍ଦେଶନାମା ମଧ୍ୟ ଜାରି କରିଛନ୍ତି।

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ଇଲୋକ୍ଟ୍ରୋନିକକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ସବୁ ବିଭାଗକୁ ଚିଠି ଲେଖିଛି। ଏହି ଆଧାରରେ ଏଣିକି ସମସ୍ତ ସରକାରୀ ପ୍ରତିଷ୍ଠାନରେ ବିଏସ୍‌ଏନ୍‌ଏଲ୍ ଇଣ୍ଟରନେଟ, ବ୍ରଡ଼ ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ, ଲିଜ୍ ଲାଇନ୍ ସେବା ବ୍ୟବହାର ହେବ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ସମବାୟ ବିଭାଗ ଏନେଇ ନିର୍ଦ୍ଦେଶାବଳୀ ଜାରି କରିଛି। ରାଜ୍ୟର ସମସ୍ତ ଡିଆରସିଏସ୍, ଏଆରସିଏସ୍‌ଙ୍କୁ ସମବାୟ ନିର୍ଦ୍ଦେଶକଙ୍କ ଚିଠି ଜାରି ହୋଇଛି। ଯେଉଁଠାରେ ଏପରି ସେବା ଉପଲବ୍ଧ ଏବଂ ବୈଷୟିକ ଭାବରେ ସମ୍ଭବ, ସେଠାରେ ଇଣ୍ଟରନେଟ୍, ବ୍ରଡବ୍ୟାଣ୍ଡ, ଲ୍ୟାଣ୍ଡଲାଇନ୍ ଏବଂ ଲିଜ୍ ଲାଇନ ସଂଯୋଗ ପାଇଁ ବିଏସ୍‌ଏନ୍‌ଏଲ୍





ସେବାର ବ୍ୟବହାର ସୁନିଶ୍ଚିତ କରିବେ। ତୁରନ୍ତ ସମୀକ୍ଷା ସହ ଚାଲୁଥିବା ସେବାରେ ବାଧା ସୃଷ୍ଟି ନକରି ବିଏସ୍‌ଏନ୍‌ଏଲ୍ ସେବା ହସ୍ତାନ୍ତର କରିବେ। ଆସନ୍ତା ୩୦ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବେ। ବିଏସ୍‌ଏନ୍‌ଏଲର ବ୍ୟବହାର ନେଇ ଡିଆରସିଏସ୍ ଏବଂ ଏଆରସିଏସ୍ ସେମାନଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଜାରି କରିବେ।

## ଜଳକା ନଦୀରେ ବନ୍ୟା ସ୍ଥିତି

ଭୁବନେଶ୍ୱର,୫।୯(ମହାଭାରତ): ଜଳକା ନଦୀରେ ବନ୍ୟା ସ୍ଥିତି। ବାଲେଶ୍ୱର ବସ୍ତା ଅଂଚଳ ପ୍ରଭାବିତ ହେବ। ଏନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି। ଏନେଇ ଜିଲ୍ଲା ପ୍ରଶାସନକୁ ସଜାଗ କରାଯାଇଛି। ବୈତରଣୀ ନଦୀ ଜଳ ସ୍ତର ବିପଦ ସଙ୍କେତ ତଳକୁ ଚାଲି ଆସିଛି। ଗତକାଲି ୧୫ ବ୍ଲକରେ ୫୦ ମିମିରୁ ଅଧିକ ବର୍ଷା ହୋଇଛି। ପଦ୍ମପୁରରେ ସର୍ବାଧିକ ୮୮ ମିମି ବର୍ଷା ହୋଇଛି। ମହାନଦୀରେ ଏବେ ବନ୍ୟା ସ୍ଥିତି ନାହିଁ। ମହାନଦୀ ଉପର ମୁଣ୍ଡରେ ୧୯ ମିମି ବର୍ଷା ହୋଇଛି। ହୀରାକୁଦରେ ଇନ ଫ୍ଲୋ ବଢିଛି। ଜଳଭଣ୍ଡାର ୩ ଲକ୍ଷ ୩୬ ହଜାର କ୍ୟୁସେକ ଜଳ ପ୍ରବେଶ କରୁଥିବା ସମାନ ପରିମାଣ ଜଳ ନିଷ୍କାସିତ ହେଉଛି। ୭ ତାରିଖରେ ସାଢ଼େ ୪ ଲକ୍ଷ ରୁ ୫ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ । ୨୦ ଟି ଗେଟ ଦେଇ ଏବେ ଜଳ ନିଷ୍କାସିତ ହେଉଛି। ହୀରାକୁଦରେ ଏବେ ୬୨୬.୫୮ ଫୁଟ ଜଳ ସ୍ତର ଅଛି।

### ଲଗାଣ ବର୍ଷା ପରେ ବେହାଲ ବାଲେଶ୍ୱର



ଲଗାଣ ବର୍ଷା ପରେ ବେହାଲ ବାଲେଶ୍ୱର ଜିଲ୍ଲା। ଗାଁ ଗଣ୍ଡାରେ ଲୋକଙ୍କ ଘରେ ପାଣି ପଶିବା ସହିତ ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ଉପୁଜିଛି। ସୁବର୍ଣ୍ଣରେଖାରେ ସପ୍ତମ ଥର ପାଇଁ ବନ୍ୟା ଆସିଥିବା ବେଳେ ଏହାଦ୍ୱାରା ଜନଜୀବନ ପ୍ରଭାବିତ ହୋଇଛି। ସେହିପରି ବୁଢାବଲଙ୍ଗ ଓ ଜଳକା ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ଉବୁଟୁବୁ ହେଉଛି ସୋର, ବସ୍ତା, ନୀଳଗିରି ସମେତ ବାଲେଶ୍ୱର ସହରର ବିଭିନ୍ନ ଅଞ୍ଚଳ। ବର୍ଷା ପାଣି ଜମି ରହିଥିବା ବେଳେ ଗାଁ ଦାଣ୍ଡରେ ଆଣ୍ଠୁଏ ଉଚ୍ଚର ପାଣି ଲହରୀ ଖେଳୁଛି। କେଉଁଠି ଡ୍ରେନେଜ୍ ତ ଆଉ କେଉଁଠି ଅବରୋଧ ଯୋଗୁଁ ବାରମ୍ବାର ଏଭଳି ସ୍ଥିତି ଉପୁଜୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ଲୋକଙ୍କ ଅଭିଯୋଗ। ଲଘୁଚାପ ଜନିତ ବର୍ଷା ରେ ବୈତରଣୀ ନଦୀରେ ବାରମ୍ବାର ବନ୍ୟା ଆସିବା ଦ୍ୱାରା ଧାମନଗର ବ୍ଲକ ରେ ବୈତରଣୀ ସମେତ କୋଟିଲା, ଗେଙ୍ଗୁଟି ,ରେବ ,କପାଳୀ ଆଦି ନଦୀର ବନ୍ୟା ଓ ବର୍ଷା ପାଣି ଭରି ରହିଛି ଚାଷ ଜମିରେ ପାଣି କମିବାରେ ନା ବି ଧରୁନି।ଧାମନଗର ବ୍ଲକ ରେ ହସନାବାଦ ପଂଚାୟତ ର ତଳ ଅଂଚଳ ରେ କୋଟିଲା ଓ ବୈତରଣୀ ନଦୀର ଆଡି ବନ୍ଧ ନ ଥିବାରୁ ପଛ ବାଟଦେଇ ବନ୍ୟାଜଳ ଆସି ପୁଣି ହସନାବାଦ,ଅର୍ଜୁନପୁର ଓ ପଧାନୀ ପଂଚାୟତ ଅଧିକାଂଶ ଗାଁ ଭିତରେ ପୁଣି ବନ୍ୟା ପାଣି ପଶିଛି । ସ୍ଥାନୀୟ ଅଂଚଳ ର ଲୋକ ମାନେ ଅକଥନୀୟ ହଇରାଣ ହେଉଛନ୍ତି।

# ଚିକେନ ଗୋଲମରିଚ

**ଆବଶ୍ୟକ ସାମଗ୍ରୀ:** ଚିକେନ, ପିଆଜ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ, ରିଫାଇନ୍ ତେଲ, ଗୁଜୁରାତି, ଲବଙ୍ଗ, ଡାଲଚିନି, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନକୁ ଧୋଇ ଦିଅନ୍ତୁ। ଏହା ପରେ ଚିକେନରେ ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁ ରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ ପକାଇ ମ୍ୟାରିନେଟ କରନ୍ତୁ। ସେହିଭଳି ପିଆଜକୁ ଭାଜି ଅଳ୍ପ ବାଟି ରଖନ୍ତୁ। କଡ଼େଇରେ ତେଲ ଗରମ କରି ଗୋଟା ମସଲା (ଗୁଜୁରାତି, ଲବଙ୍ଗ, ଡାଲଚିନି ) ପକାନ୍ତୁ। ଏହାପରେ ମ୍ୟାରିନେଟ୍ ଚିକେନକୁ ପକାଇ ୧୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଘୋଡ଼ଣି ବାହାର କରି ଚିକେନକୁ ଚଲାନ୍ତୁ। ଏହାପରେ ପୁଣି ଘୋଡ଼ାଇ ଦିଅନ୍ତୁ। ୫ରୁ ୭ ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଭଜା ପିଆଜ ବଟା ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ୍ ଗୋଲମରିଚ।



## ଖବର

# ଶେଫାଲି ଜରିୱାଲାଙ୍କ ଶେଷ ଇଚ୍ଛା ପୂରଣ କଲେ ସ୍ୱାମୀ ପରାଗ



କିଛି ଦିନ ପୂର୍ବରୁ ଶେଫାଲି ଜରିୱାଲାଙ୍କର ମୃତ୍ୟୁ ହୋଇଥିଲା ।ଏକଥା ଆପଣମାନେ ବି ଜାଣିଥିବେ ନିଶ୍ଚୟ । ହେଲେ ଏପରି ଏକ କଥା ବିଷୟରେ କହିବୁ ଯାହାକୁ ଶୁଣିବା ପରେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଶେଫାଲି ଜରୱାଲାଙ୍କର ମୃତ୍ୟୁ ପରଠାରୁ ତାଙ୍କ ଜୀବନସାଥୀ ଅର୍ଥାତ୍ ପରାଗ ତ୍ୟାଗୀ ଏପରି କିଛି କରୁଛନ୍ତି ଯାହା ତାଙ୍କ ପ୍ରଶଂସକମାନେ ବହୁତ ଗର୍ବ କରୁଛନ୍ତି । ସେ ଶେଫାଲିଙ୍କ ସମସ୍ତ ଇଚ୍ଛା ପୂରଣ କରୁଛନ୍ତି । ଏବେ ପରାଗ ଶେଫାଲିଙ୍କ ଏନଜିଓ ଘୋଷାଣ କରିଛନ୍ତି । ଏହି ଏନଜିଓ ମାଧ୍ୟମରେ ସେ ଅଭାବୀ ପିଲାମାନଙ୍କୁ ପାଠ ପାଇବେ ଏବଂ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମଧ୍ୟ କାମ କରିବେ । ଏଥିସହ ପରାଗ ଏନଜିଓର ନାମ ଶେଫାଲି ଜରିୱାଲା ରାଇସ୍ ଫାଉଣ୍ଡେସନ୍ ରଖିଛନ୍ତି ।ପରାଗ ଲେଖିଛନ୍ତି, ଖୁବଶୀଘ୍ର ଆମ ସୋସିଆଲ ମିଡ଼ିଆରେ ଶେଫାଲିଙ୍କ ନାମରେ ହୋଇଥିବା ଫାଉଣ୍ଡେସନ ବିଷୟରେ ଆପଣମାନେ ଦେଖିପାରିବେ । ଯାହାର ନାମ ରହିଛି- ଶେଫାଲି ଜରିୱାଲା ଫାଉଣ୍ଡେସନ୍ । ସମସ୍ତ ପ୍ରମେସନାଲ୍ ଏବଂ ପଇସା ପରିଙ୍କ ଫାଉଣ୍ଡେସନକୁ ଯିବ ।ଆପଣଙ୍କ ପ୍ରେମ ଏବଂ ଆଶୀର୍ବାଦ ପାଇଁ ଆମେ ବହୁତ କତଜ୍ଞ । ଏଥିସହ ଆପଣମାନେ ଆମକୁ ଏହିପରି ଭଲପାଇବା ଦେଇଚାଲନ୍ତୁ ଯାହା ଦ୍ୱାରା ଆମେ ଶେଫାଲିଙ୍କ ସ୍ୱପ୍ନକୁ ପୂରା କରିପାରିବା ।

ଏଥିସହ ଜାଣିରଖନ୍ତୁ, ପରାଗ ଏକ ଭିଡିଓ ମାଧ୍ୟମରେ ଶେୟାର କରିଛନ୍ତି ଯେ ଏକ ବହି ଦେଖାଯାଉଛି ଯାହା ଉପରେ ଲେଖାଯାଇଛି ଶେଫାଲି ଜରିୱାଲା । ଏହା ପରେ ଯେତେବେଳେ ବହିଟିକୁ ଖୋଲୁଥିଲେ, ଗୋଟିଏ ପେଜରେ ଲେଖାଥିଲା ଯେ ଅସହାୟ ପିଲାଙ୍କୁ ସାହାଯ୍ୟ କରିବା ଏବଂ ଏକ ଏନଜିଓ ଖୋଲିବା । ଏଥିସହ ଶେଫାଲି ଜରିୱାଲା ଫାଉଣ୍ଡେସନ୍ ବିଷୟରେ କିଛି ଲେଖାଥିଲା ଏବଂ ଏହା ପରେ ପରାଗ ତ୍ୟାଗୀ ଏବଂ ଶେଫାଲିଙ୍କ କିଛି ଫଟୋ ରହିଥିଲା ଯେଉଁଥିରେ ଲେଖାଥିଲା ''ସବୁବେଳେ ସାଥୀରେ ଅଛି'' । ଏହି ଭିଡିଓରେ ଅନେକ ପ୍ରଶଂସକମାନେ ଭିଓ ଭିଓ ମତ ମଧ୍ୟ ଦେଉଛନ୍ତି।

# କେଶ ଝଡ଼ା ସମସ୍ୟାରୁ ପାଆନ୍ତୁ ମୁକ୍ତି

କେଶ ଝଡିବା ଏକ ସାଧାରଣ କଥା । କେତେକ ଲୋକଙ୍କ ପାଇଁ ଗରମ ପାଣି ସମସ୍ୟା ହୋଇଥାଏ ତ ଆଉ କାହା ପାଇଁ ରୁପି ସମସ୍ୟା । ଆଉ କାହାର କେଶ ମୂଳ ଦୁର୍ବଳ ହୋଇ କେଶ ଝଡିଥାଏ । ସମସ୍ୟା ଯାହା ହେଉନା କାହିଁକି ଏମିତି କିଛି ଟିପ୍ସ ରହିଛି, ଯାହା ଦ୍ୱାରା କେଶ ଝଡିବାକୁ ରୋକିପାରିବେ ।



ଶୀତରେ କେଶ ଝଡିବାର କାରଣ ହେଉଛି କେଶ ଠିକ୍ ଭାବେ କଣ୍ଡିସନିଂ ହୋଇପାରେନି ଓ ମାତ୍ରାଧିକ ଶୁଷ୍କ ହୋଇପଡେ ।

**ଅଲିଭ୍ ଅଏଲ୍‌ରେ ପ୍ରି-କଣ୍ଡିସନିଂ:** କେଶ ଝଡିବା ରୋକିବା ପାଇଁ ହେଲେ ସାମ୍ପୁ କରିବା ପୂର୍ବରୁ ଅଲିଭ୍ ଅଏଲ୍‌ରେ ହାଲ୍‌କା ମସାଜ୍ କରନ୍ତୁ । ଯଦି ସମ୍ଭବ ଏହି ତେଲକୁ ହାଲ୍‌କା ଉଷୁମ କରି ବ୍ୟବହାର କରିପାରିବେ ।

**ସାମ୍ପୁ ନିଶ୍ଚୟ କରନ୍ତୁ:** ସାମ୍ପୁ ନିଶ୍ଚୟ କରନ୍ତୁ ଶୀତ ଦିନେ ପ୍ରାୟ ଲୋକ ସାମ୍ପୁ କରିବାକୁ ଡରିଥାନ୍ତି । କିନ୍ତୁ ସାମ୍ପୁ ନିଶ୍ଚୟ କରନ୍ତୁ । ଫଳରେ କେଶ ମୂଳ ସଫା ରହିବା ସହ ସଂକ୍ରମଣ ଦୂର ହୋଇଥାଏ । ଫଳରେ କେଶ ଝଡିବା କମ୍ ହେବ । କେଶ ବିନ୍ୟାସ ପ୍ରତି ଧ୍ୟାନ ଦିଅନ୍ତୁ, ମୁଣ୍ଡ କୁଣ୍ଡାଇ ବିଭିନ୍ନ ଷ୍ଟାଇଲ୍ କରିବା ? ମାତ୍ରାଧିକ କେଶ ବିନ୍ୟାସ କରନ୍ତୁ ନାହିଁ । ଷ୍ଟ୍ରେଟନିଂ, ପର୍ମିଂ ଓ କଲରିଂ କରିବା ଦ୍ୱାରା କେଶ ମୂଳ ନଷ୍ଟ ହୋଇଥାଏ । ଯଦି ଏପରି କିଛି କରିବାର ଥାଏ, ତେବେ ପ୍ରଫେସନାଲ୍ ପାର୍ଲରରେ କରନ୍ତୁ । ଏସବୁ କରିବା ଦ୍ୱାରା କେଶ ଦୁର୍ବଳ ହେବା ସହ ମାତ୍ରାଧିକ ଝଡିଥାଏ ।

# ଦୁର୍ଗାପୂଜା ସମୟରେ ଲାଗି କରାଯାଏ ଏହି ବିଶେଷ ଭୋଗ

ଯେକୌଣସି ପୂଜାପର୍ବର ମୁଖ୍ୟ ଆକର୍ଷଣ ସେହି ସମୟର ଭୋଗ ବୋଲି କୁହାଯାଏ। ସେହିପରି ଦଶହରା ବା ଦୁର୍ଗା ପୂଜା ସମୟରେ ବିଭିନ୍ନ ପ୍ରକାରର ଭୋଗ ଜଗତଜନନୀ ମା'ଦୁର୍ଗାଙ୍କୁ ଅର୍ପଣ କରାଯାଏ। ମା'ଙ୍କୁ ଏହି ଭୋଗ ସମର୍ପଣ କରାଯାଉଥିବାରୁ ଏହି ଭୋଗ ଖୁବ ନିଆରା। ଜାଣନ୍ତୁ ସେଭଳି କିଛି ଭୋଗ ବିଷୟରେ ପୁରୀ – ଏହି ଭୋଗକୁ ସମ୍ପୂର୍ଣ୍ଣ ନିରାମିଷ ଭାବେ ପ୍ରସ୍ତୁତ କରାଯାଏ। ମା'ଙ୍କୁ ଅର୍ପଣ କରାଯିବ ସହ ଲୋକେ ଘରେ ମଧ୍ୟ ଏହାକୁ ପ୍ରସ୍ତୁତ କରି ଏକ ନିର୍ଦ୍ଦିଷ୍ଟ କନ୍ୟା ପୂଜା ସମୟରେ ଅର୍ପଣ କରାଯାଏ। ଏହି ଭୋଗ ବିଶେଷ କରି ଦିଲ୍ଲୀ ସମେତ ଉତ୍ତର ଭାରତ ଓ ଦେଶର କୋଣ ଅନୁକୋଣରେ ମଧ୍ୟ ପ୍ରସ୍ତୁତ କରାଯାଏ। ଖେଚେଡ଼ି – ବିଶେଷ କରି ବଙ୍ଗାଳୀ ଲୋକମାନେ ଓ ଅନ୍ୟ ସମସ୍ତ ପ୍ରକାର ଲୋକେ ସପ୍ତମୀ, ଅଷ୍ଟମୀ, ନବମୀ ଦିନ ଦୁର୍ଗାପୂଜା ପର୍ବ ବିଶେଷ ଭାବେ ପାଳନ କରିଥାଆନ୍ତି। ଏହି ୩ ଦିନ ମା'ଙ୍କ ନିକଟରେ ପ୍ରସ୍ତୁତ ହେଉଥିବା ଭୋଗ ବେଶ ସ୍ୱାଦିଷ୍ଟ। ଏହି ସମୟରେ ପ୍ରସ୍ତୁତ ହେଉଥିବା ଖେଚେଡ଼ି ବେଶ ପସନ୍ଦିଅ। ଭୋଗ। ପୂଜାର୍ଚ୍ଚନା। ହେଉଥିବା ମା'ଙ୍କ ପେଣ୍ଡାଲ ନିକଟରେ ଯାଇ ଖାଇଲେ ଏହାର ସ୍ୱାଦ ଆହୁରି ବଢିଯାଏ।



ଦହି – ଜିଲାପି – ଭାରତର ବିଭିନ୍ନ ସ୍ଥାନ ସହ ବିଶେଷ କରି କାନପୁରରେ ଏହାକୁ ଲୋକେ ବେଶ ପସନ୍ଦ କରନ୍ତି। କନ୍ୟା ପୂଜା ସମୟରେ ଏହାକୁ ପ୍ରସ୍ତୁତ କରି ଖିଆଯାଏ।

ମାଲପୁଆ – ବିହାର ସମେତ ଦେଶର ବହୁ ସ୍ଥାନରେ ଏହାକୁ ପ୍ରସ୍ତୁତ କରାଯାଇ ମା'ଙ୍କ ନିକଟରେ ଭୋଗ କରାଯାଏ। ନବରାତ୍ରରେ ହେଉଥିବା କନ୍ୟା ପୂଜା ସମୟରେ ମଧ୍ୟ ଏହାକୁ ପ୍ରସ୍ତୁତ କରାଯାଏ।

ପୁରୀ – ହାଲୱା – ବିଶେଷ କରି ନବମୀ ଓ ଦଶମୀ ଦିନ ଦେଶର ବିଭିନ୍ନ ସ୍ଥାନ ସହ ରାଜସ୍ଥାନରେ ଏହାକୁ ପ୍ରସ୍ତୁତ କରାଯାଏ। ମା'ଙ୍କ ନିକଟରେ ଭୋଗ କରାଯିବା ସହ ବଣ୍ଟାଯାଏ।

# ବେଲପତ୍ର ସ୍ୱାସ୍ଥ୍ୟ ପାଇଁ ହିତକର



ଭଗବାନ ଶିବଙ୍କ ପୂଜାରେ କଞ୍ଚା କ୍ଷୀର ଓ ଫୁଲ ସହ ବେଲ ପତ୍ର ଅର୍ପଣ କରାଯାଇଥାଏ। ବେଲପତ୍ର ଶିବଙ୍କ ଅତି ପ୍ରିୟ। ବେଲପତ୍ର କେବଳ ଶିବଙ୍କ ପୂଜାରେ ଲାଗେନି ବରଂ ଏହାର ଅନେକ ଉପକାରିତା ମଧ୍ୟ ରହିଛି। ସ୍ୱାସ୍ଥ୍ୟ ପାଇଁ ବେଲପତ୍ର ବହୁତ ଲାଭଦାୟକ ହୋଇଥାଏ। ବେଲପତ୍ର ସେବନ ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ।

ବେଲପତ୍ର କିପରି ବ୍ୟବହାର କରିବେ ଜାଣନ୍ତୁ:

୧. ଜ୍ୱର ହେଉଥିଲେ ବେଲପତ୍ରରେ କାଢ଼ା ତିଆରି କରି ସେବନ କଲେ ଆଶ୍ୱସ୍ତି ମିଳିଥାଏ ବୋଲି କୁହାଯାଏ। ତାଛଡା ମହୁମାଛି କିମ୍ବା ବିରୁଡି କାମୁଡ଼ିଲେ ଜ୍ୱଳନ ହେଉଥିବା ଜାଗାରେ ବେଲପତ୍ର ରସ ଲଗାଇଲେ ଆଶ୍ୱସ୍ତି ମିଳିଥାଏ।

୨. ହୃଦୟ ରୋଗୀଙ୍କ ପାଇଁ ବେଲପତ୍ର ବହୁତ ଲାଭଦାୟକ। ବେଲପତ୍ର କାଢ଼ା ସେବନ କଲେ ହୃଦୟ ସୁସ୍ଥ ରହେ ଏବଂ ହୃଦଘାତ ହେବାର ସମ୍ଭାବନା କମ ଥାଏ। ଶ୍ୱାସ ସମ୍ବନ୍ଧୀୟ ରୋଗୀଙ୍କ ପାଇଁ ମଧ୍ୟ ବେଲପତ୍ର ଅମୃତ ସହ ସମାନ। ବେଲପତ୍ର ରସ ସେବନ କଲେ ଶ୍ୱାସ ରୋଗୀଙ୍କୁ ଅନେକ ଲାଭ ମିଳିଥାଏ।

୩. ପେଟ ଗରମ ହୋଇଗଲେ ପାଟିରେ ଅଲସର ହୋଇଯାଏ ବା ଛାଲା ପଡ଼ିଯାଏ। ଏହିଭଳି ସ୍ଥିତିରେ ବେଲପତ୍ର ଚୋବେଇ ଖାଇଲେ ଛାଲା ଭଲ ହୋଇଯାଇଥାଏ।

୪. ପାଇଲ୍ସ ବା ଅର୍ଶ ଆଜିକାଲି ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏହା ବହୁତ କଷ୍ଟ ଦେଇଥାଏ। ଏହି କଷ୍ଟରୁ ମୁକ୍ତି ପାଇବାକୁ ହେଲେ ବେଲ ଗଛର ଚେରକୁ ଗୁଣ୍ଡ କରି ସେହି ଗୁଣ୍ଡରେ ସମାନ ମାତ୍ରାରେ ମିଶ୍ରି ମିଶାଇ ଚୂର୍ଣ୍ଣ ପ୍ରସ୍ତୁତ କରନ୍ତୁ। ଏହି ଚୂର୍ଣ୍ଣକୁ ସକାଳେ ଓ ସନ୍ଧ୍ୟାରେ ପାଣିରେ ମିଶାଇ ସେବନ କରନ୍ତୁ। ଅଧିକ କଷ୍ଟ ହେଉଥିଲେ ଦିନକୁ ୩ଥର ସେବନ କରନ୍ତୁ। ଅର୍ଶରୁ ଆଶ୍ୱସ୍ତି ମିଳିଥାଏ।


୫. ଥଣ୍ଡା, କାଶ ଓ ଜ୍ୱର ହେଲେ ବେଲପତ୍ର ରସରେ ମହୁ ମିଶାଇ ସେବନ କଲେ ଲାଭ ମିଳିଥାଏ। ଜ୍ୱର ଅଧିକ ହେଉଥିଲେ ଏହାର ପେଷ୍ଟ କରି ଛୋଟ ଛୋଟ ଗୁଳା ତିଆରି କରି ଗୁଡ ସହ ସେବନ କରନ୍ତୁ।

୬. ପେଟ କିମ୍ବା ଅନ୍ତନଳୀରେ କୃମି ହେଲେ କିମ୍ବା ଛୋଟ ଶିଶୁଙ୍କୁ ଝାଡା ହେଉଥିଲେ ବେଲପତ୍ର ରସ ସେବନ କଲେ ଆରାମ ମିଳିଥାଏ।



# ଶ୍ରୀରାମ- ପର୍ଶୁରାମ ଭେଟ

ରାମାୟଣରେ ଭଗବାନ ଶ୍ରୀରାମଚନ୍ଦ୍ର ଏବଂ ପର୍ଶୁରାମଙ୍କୁ ନେଇ ଏକ ଗାଥା ବର୍ଣ୍ଣନା କରାଯାଇଛି । ଅତ୍ୟାଚାରୀ ରାବଣର ବଧ କରିବା ଲାଗି ଭଗବାନ ଶ୍ରୀବିଷ୍ଣୁ ଅଯୋଧ୍ୟାରେ ରାଜା ଦଶରଥ ଏବଂ କୌଶଲ୍ୟାଙ୍କ ପୁତ୍ର ରୂପରେ ଜନ୍ମ ନେଇଥିଲେ । ରଘୁକୁଳ ନନ୍ଦନ ଶ୍ରୀରାମଙ୍କ କୀର୍ତ୍ତି ଖୁବ୍ ଅଳ୍ପ ଦିନ ମଧ୍ୟରେ ତ୍ରୀଭୁବନରେ ବ୍ୟାପୀଗଲା । ଶ୍ରୀରାମଙ୍କ ଅବତାର ବିଷୟରେ ମଧ୍ୟ ଅବଗତ ହେଲେ ଭଗବାନ ପର୍ଶୁରାମ । ପର୍ଶୁରାମ ଥିଲେ ଶ୍ରୀବିଷ୍ଣୁଙ୍କ ଷଷ୍ଠ ଅବତାର । ମହାଦେବଙ୍କ ଶିଷ୍ୟ ପର୍ଶୁରାମ ଅମର ହେବାର ବର ପାଇଥିଲେ । ସେଥିପାଇଁ ସେ ଶ୍ରୀରାମଙ୍କ ଜନ୍ମ ପର୍ଯ୍ୟନ୍ତ ମଧ୍ୟ ଜୀବିତ ରହିଥିଲେ । ଦିନେ ଶ୍ରୀରାମଙ୍କ ପରୀକ୍ଷା ନେବା ଲାଗି ପର୍ଶୁରାମ ଅଯୋଦ୍ଧାରେ ପହଞ୍ଚିଲେ । ସେ ଠଶ୍ରୀରାମଙ୍କୁ ନିଜର ଦିବ୍ୟ ଧନୁ ପ୍ରଦାନ କଲେ ଏବଂ ସେଥିରେ ଗୁଣ ଚଢ଼ାଇବାକୁ କହିଲେ । ତାହା ଥିଲା ଭଗବାନ ବିଷ୍ଣୁଙ୍କ ସାରଙ୍ଗ ଧନୁ । ଶ୍ରୀରାମ ସେହି ଧନୁରେ ଅତି ସହଜରେ ଗୁଣ ଚଢ଼ାଇ ଦେଲେ । ଏହାପରେ ଅହଂକାରବଶତଃ କ୍ରୋଧିତ ହୋଇ ସେହି ଦିବ୍ୟ ଧନୁରୁ ତୀର ଚଳାଇବା ଲାଗି ପର୍ଶୁରାମ କହିଲେ । ଶ୍ରୀରାମ ସେହି ଧନୁରେ ତୀର ନିକ୍ଷେପ କରନ୍ତେ, ସେହି ଶବ୍ଦରେ ପର୍ଶୁରାମ ବେହୋସ ହୋଇଗଲେ । ତାଙ୍କର ସମସ୍ତ ଶକ୍ତି ଚାଲିଗଲା । ଗୋଟିଏ ବର୍ଷ ପରେ ପିତୃପୁରୁଷଙ୍କ ପରାମର୍ଶକ୍ରମେ ବସୁଧରା ନାମକ ନଦୀରେ ସ୍ନାନ କରିବା ପରେ ପର୍ଶୁରାମ ନିଜ ଶକ୍ତି ଫେରିପାଇଥିଲେ । ପ୍ରଭୁ ଶ୍ରୀରାମ ସ୍ୱୟଂ ଶ୍ରୀବିଷ୍ଣୁଙ୍କ ଅବତାର ବୋଲି ତାଙ୍କର ହୃଦ୍‌ବୋଧ ହେଲା ।



# ଆତ୍ମହତ୍ୟା ରୋକିବ 'ଜୀବନ ଜିନ୍ଦାବାଦ'




**ଭୁବନେଶ୍ୱର,୫।୯ (ମହାଭାରତ):** ବାଲେଶ୍ୱରରେ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରେ ଗତ ଅଗଷ୍ଟ ୧୧ ତାରିଖରେ ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିଅମଠାରେ ପୋଲିସ ବିଭାଗ ସହଯୋଗରେ 'ନମନ ଫାଉଣ୍ଡେସନ' ଦ୍ୱାରା 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜୀବନ ମୂଲ୍ୟବାନ ଏବଂ କୌଣସି ପରିସ୍ଥିତିରେ ଆତ୍ମହତ୍ୟା କରିବା ମାନସିକତା ନଆଣିବା, ସକରାତ୍ମକ ଚିନ୍ତାଧାରା ରଖିବା ଉଦ୍ଦେଶ୍ୟକୁ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରାଯାଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏଭଳି କାର୍ଯ୍ୟକ୍ରମ ଅଧିକରୁ ଅଧିକ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ ।

ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏପରି କାର୍ଯ୍ୟକ୍ରମକୁ ବ୍ୟାପକଭାବେ ଆୟୋଜନ କରିବାକୁ ଆଜି ଲୋକସେବା ଭବନରେ ରାଜ୍ୟ କ୍ରୀଡା , ଯୁବ ସେବା, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଡିଜିପି ୱାଇ.ବି ଖୁରାନିଆ, କ୍ରୀଡା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ବିଜୟକେତନ ଉପାଧ୍ୟାୟ, ସିନେ ଅଭିନେତା ସବ୍ୟସାଚୀ ମିଶ୍ର, ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

ବୈଠକରେ ଯୋଗଦେଇ ଅଭିଜ୍ଞ ସିନେ ଅଭିନେତା ଶ୍ରୀ ମିଶ୍ର କହିଥିଲେ ଯେ, ଆତ୍ମହତ୍ୟା ପ୍ରବଣତା କଥା ଆସିବାବେଳେ ଆମେ ଯୁବବର୍ଗଙ୍କ କଥା ଭାବିଥାଉ । ଆତ୍ମହତ୍ୟା ପ୍ରବଣତାରୁ ଯୁବବର୍ଗଙ୍କୁ ନିବୃତ୍ତ ରଖିବା ପାଇଁ ସଚେତନତା ସୃଷ୍ଟି ପାଇଁ "ଜୀବନ ଜୀନ୍ଦାବାଦ"ର ପରିକଳ୍ପନା କରାଯାଇଥିଲା । ଯାହାକି ରାଜ୍ୟବ୍ୟାପୀ କରାଯିବା ପାଇଁ ରାଜ୍ୟ ସରକାର ସହଯୋଗ ଦେଉଛନ୍ତି । ଏହି କାର୍ଯ୍ୟକ୍ରମରେ ୭୦ ରୁ ଊର୍ଦ୍ଧ୍ୱ କଳାକାର, କଣ୍ଠଶିଳ୍ପୀ, ହାସ୍ୟ ଅଭିନେତା, ମନୋ ଆକ୍ଟିଂ କଳାକାର ଆଦି ଯୋଗ ଦେବେ । ଆତ୍ମହତ୍ୟା ପାଇଁ ନିଷ୍ପତ୍ତି ନେଇଥିବା ବ୍ୟକ୍ତିକିପରି ସେଥିରୁ ନିବୃତ୍ତ ରହି ପରବର୍ତ୍ତୀ ସମୟରେସଫଳତା ପାଇଛନ୍ତି, ସେମାନଙ୍କର କାହାଣୀ ଉପସ୍ଥାପନ କରିବେ । ଜିଲ୍ଲାସ୍ତରରେ ସ୍ଥାନୀୟ କଳାକାରଙ୍କୁ ଏହି ବିଷୟଭିତ୍ତିକ କାହାଣୀ ଦିଆଯିବ, ଯାହାକି ସେମାନେ କାର୍ଯ୍ୟକ୍ରମରେ ମଧ୍ୟ ଉପସ୍ଥାପନ କରି ସଚେତନତା ବାର୍ତ୍ତା ଦେଇପାରିବେ । କାର୍ଯ୍ୟକ୍ରମ ପ୍ରାୟ ୩ ଘଣ୍ଟା ବିଶିଷ୍ଟ ହେବ ।

ବୈଠକରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ପୁଲିସ ବିଭାଗ, କ୍ରୀଡା ଓ ଯୁବସେବା ବିଭାଗର ମିଳିତ ଉଦ୍ୟମରେ ନମନ ଫାଉଣ୍ଡେସନ ତରଫରୁ ଏହି ସଚେତନତା କାର୍ଯ୍ୟକ୍ରମ , ଆତ୍ମହତ୍ୟା ପ୍ରବଣତା ରୋକିବା ଦିଗରେ ଗୋଷ୍ଠୀ ସହଯୋଗିତା ଓ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ଏକ ବଳିଷ୍ଠ ପଦକ୍ଷେପ ହେବ । ଏଥିରେ ଅନ୍ୟ ବିଭାଗ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ, ସଂସ୍କୃତି ବିଭାଗ, ମହିଳା ଓ ଶିଶୁ ବିଭାଗ ଆଦିର ସହଯୋଗ ନିଆଯିବ ।

ପ୍ରତି ଜିଲ୍ଲାରେ ଆୟୋଜନ କିପରି ସୁଚାରୁରୂପେ ହୋଇପାରିବ, ସେଥିପ୍ରତିଜିଲ୍ଲା ପ୍ରଶାସନର ସହଯୋଗ ନିଆଯିବା ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି । ଏଥି ସଙ୍ଗେ ସଙ୍ଗେ ପ୍ରତି ସ୍କୁଲ, କଲେଜମାନଙ୍କରେ ଆତ୍ମହତ୍ୟା ପ୍ରବଣତା ରୋକିବା ପାଇଁ ବକ୍ତୃତା, ରଚନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ପାଇଁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ସଦରମହକୁମାରେ ଥିବା ସବୁଠାରୁ ବଡ ପ୍ରେକ୍ଷାଳୟମାନଙ୍କରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଭୁବନେଶ୍ୱରରେ ସେପ୍ଟେମ୍ବର ୧୦ ତାରିଖରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଡିଟୋରିୟମରେ ପ୍ରଥମେ କାର୍ଯ୍ୟକ୍ରମ ହେବ । ଶେଷ କାର୍ଯ୍ୟକ୍ରମ କଟକରେ ହେବାକୁ ଆଲୋଚନା କରାଯାଇଥିଲା ।

# କଂଗ୍ରେସର ସଂଗଠନ ସୃଜନ ଅଭିଯାନ

**ଭୁବନେଶ୍ୱର,୫।୯ (ମହାଭାରତ):** ଓଡ଼ିଶାର ସମସ୍ତ ୩୫ ଗୋଟି କଂଗ୍ରେସ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ ପ୍ରକ୍ରିୟା ଜୋରସୋରରେ ଆଗେଇଛି । ପୂର୍ବ ଦୁଇଦିନ ୯ ଜଣ ପର୍ଯ୍ୟବେକ୍ଷକ ଓଡିଶା ଆସି ନିଜ ନିଜ ସମ୍ପୃକ୍ତ ଜିଲ୍ଲା ଗୁଡିକୁ ଗସ୍ତ କରିଥିବାବେଳେ ମଙ୍ଗଳବାର ଆଉ ସାତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭୁବନେଶ୍ୱର ଆସି ନିର୍ଦ୍ଧାରିତ ଜିଲ୍ଲା ଗୁଡିକୁ ଗସ୍ତ କରିଛନ୍ତି । ପୂର୍ବ ଗଞ୍ଜାମ ପାଇଁ ପୂର୍ବତନ ମନ୍ତ୍ରୀ ରାମଲାଲ ଯାଟ, ପଶ୍ଚିମ ଗଞ୍ଜାମ ପାଇଁ ଏଆଇସିସିର ପୂର୍ବତନ ସମ୍ପାଦକ ସଚିନ ନାଏକ, ଜଗତସିଂହପୁର ପାଇଁ ଏମ ଲିଜୁ, ଝାରସୁଗୁଡା ପାଇଁ ଭାରତୀୟ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ସୁଶ୍ରୀ ଶୋଭା ଓଜା, ପଶ୍ଚିମ ମୟୁରଭଞ୍ଜ ପାଇଁ ଏଆଇସିସିର ଯୁଗ୍ମ ସମ୍ପାଦକ ନୀତିନି କୁମ୍ଭଲକର, ପୁରୀ ପାଇଁ ସାଂସଦ ଜିସି ଚନ୍ଦ୍ରଶେଖର ଓ ରାୟଗଡା ପାଇଁ ବିଧାୟକ ରିଜୱାନ ଆର୍ସଦ ପ୍ରମୁଖ ଏହି ଦାୟିତ୍ୱରେ ଅଛନ୍ତି । ଚତୁର୍ଥ ଦିବସରେ ମୋଟ ୮ ଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଆସି ଓଡ଼ିଶାରେ ପହଞ୍ଚିବେ । ପ୍ରତ୍ୟେକ ଜିଲ୍ଲାର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ଏହି ପ୍ରକ୍ରିୟାରେ ସହଯୋଗ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ବରିଷ୍ଠ ଓ ଅଭିଜ୍ଞ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ପ୍ରତ୍ୟେକ ଜିଲ୍ଲାରେ ପର୍ଯ୍ୟବେକ୍ଷକ ମାନେ ଅନ୍ୟୁନ ସାତ ଦିନ ରହି ବହୁ କଂଗ୍ରେସ ନେତା ଏବଂ କର୍ମୀଙ୍କୁ ସାକ୍ଷାତ କରି ଜିଲ୍ଲା ସଭାପତି ପାଇଁ ଦକ୍ଷ ସଂଗଠକଙ୍କର ୬ ଜଣିଆ ତାଲିକା ପ୍ରସ୍ତୁତ କରି ଆସନ୍ତା ୧୪ ସେପ୍ଟେମ୍ବର ସୁଦ୍ଧା ଏଆଇସିସି ନିକଟରେ ଦାଖଲ କରିବେ । ପ୍ରତି ଜିଲ୍ଲାର ଉକ୍ତ ୬ ଜଣିଆ ତାଲିକାରୁ ଏଆଇସିସି ଜଣଙ୍କୁ ଜିଲ୍ଲା ସଭାପତି ମନୋନୀତ କରିବେ । ଏହି ପ୍ରକ୍ରିୟା ଯେପରି ଗଣତାନ୍ତ୍ରିକ ଓ ନିରପେକ୍ଷ ହୁଏ ଏଆଇସିସିର ନିର୍ଦ୍ଦେଶ କ୍ରମେ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ମାର୍ଗଦର୍ଶନରେ ସମସ୍ତ କାର୍ଯ୍ୟ ଚାଲିଛି ବୋଲି ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ମୁଖ୍ୟ ମୁଖପାତ୍ର ଅରବିନ୍ଦ ଦାସ ଓ ୱାର-ରୁମ ମୁଖ୍ୟ ମନୋରଞ୍ଜନ ଦାଶ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

# 'ରାଜଭାଷା ହିନ୍ଦୀ ଏବଂ ପୋଷଣ ମାସ' କର୍ମଶାଳା

**ଭୁବନେଶ୍ୱର,୫।୯ (ମହାଭାରତ):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ, (ସିବିସି) ପ୍ରାଦେଶିକ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆଜି "ରାଜଭାଷା ହିନ୍ଦୀ କର୍ମଶାଳା ସହ ପୋଷଣ ମାସ" କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଛି ।

ପିଆଇବି ଓ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ବିଶେଷ ଅତିଥିଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡକ୍ଟର ସ୍ନେହଲତା ଦାଶ, ସ୍ୱତନ୍ତ୍ର ଅତିଥି ଭାବେ ମହିଳା ଏବଂ ଶିଶୁ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସ୍ୱୟଂପ୍ରଭା ମହାନ୍ତି, ରାଜଭାଷା ବିଭାଗର ସହାୟକ ନିର୍ଦ୍ଦେଶକ ସୁଶ୍ରୀ କିର୍ତ୍ତୀ ସିଂଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ରାଜଭାଷା ହିନ୍ଦୀର ପ୍ରଚାର ପ୍ରସାର ସହିତ ସରକାରୀ କାର୍ଯ୍ୟରେ ଏହାର ପ୍ରୟୋଗକୁ ପ୍ରୋତ୍ସାହିତ କରିବା ଏବଂ ପୋଷଣ ମାସ ପରିପ୍ରେକ୍ଷୀରେ ସାମାଜିକ ସଚେତନତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଆମନ୍ତ୍ରିତ ବିଶେଷଜ୍ଞମାନେ ରାଜଭାଷା ହିନ୍ଦୀର ଗୁରୁତ୍ୱ, ସରକାରୀ କାମରେ ଏହାର ପ୍ରୟୋଗ ଓ ପୋଷଣ ସମ୍ବନ୍ଧୀୟ ବିଭିନ୍ନ ପ୍ରାସଙ୍ଗିକ ବିଷୟରେ ଆଲୋକପାତ କରିଥିଲେ । ଭାଷା ଓ ପୋଷଣ ଉଭୟକୁ ସମାନ ଗୁରୁତ୍ୱ ଦେଇ ସମୃଦ୍ଧିର ପଥରେ ବଢିବା ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ ।

କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପିଆଇବି ଏଡିଜି ଶ୍ରୀ ମିଶ୍ର କହିଥିଲେ, ରାଜଭାଷା ହିନ୍ଦୀ କେବଳ ଏକ ମାଧ୍ୟମ ନୁହେଁ, ବରଂ ଦେଶର ସାମାଜିକ ଏବଂ ସାଂସ୍କୃତିକ ଏକତାର ପ୍ରତୀକ । ସରକାରୀ କାର୍ଯ୍ୟକଳାପରେ ରାଜଭାଷାର ସୁଚିନ୍ତିତ ପ୍ରୟୋଗ ଦ୍ୱାରା ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପିତ ହୁଏ । ସେ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, ପ୍ରକଳ୍ପ ଏବଂ ସଚେତନତା କାର୍ଯ୍ୟକ୍ରମକୁ ହିନ୍ଦୀ ସହିତ ସ୍ଥାନୀୟ ଭାଷାରେ ଉପସ୍ଥାପନ କରିଲେ, ସାଧାରଣ ଲୋକଙ୍କ ପାଇଁ ଏହା ଅଧିକ ବୋଧଗମ୍ୟ ହୁଏ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରତ୍ୟେକ କାର୍ଯ୍ୟରେ ଭାଷାର ସମନ୍ୱୟକୁ ସୁନିଶ୍ଚିତ କରାଯାଉଛି । ପୋଷଣ ମାସ ବିଷୟରେ ସେ କହିଥିଲେ ଯେ, ପୋଷଣ ସମ୍ପର୍କୀୟ ସଚେତନତା ମହିଳା, ଶିଶୁ ଓ ପରିବାର ପାଇଁ ସବୁଠାରୁ ଆବଶ୍ୟକ । ସୁସ୍ଥ ପରିବାର ହେଉଛି ସୁସ୍ଥ ସମାଜର ଆଧାର, ଏବଂ ସୁସ୍ଥ ସମାଜ ବିନା ଜାତୀୟ ଉନ୍ନତି ସମ୍ଭବ ନୁହେଁ । ସେ ଜୋର ଦେଇ କହିଥିଲେ, "ସୁସ୍ଥ ଜୀବନ ପାଇଁ ସମସ୍ତେ "ସଚେତନ ଓ ଉତ୍ତମ ଖାଦ୍ୟାଭ୍ୟାସ" ମନ୍ତ୍ରକୁ ଅନୁସରଣ କରିବା ଆବଶ୍ୟକ ।

# ଅଙ୍ଗନବାଡି କେନ୍ଦ୍ରରେ ଚିନି ବୋର୍ଡ ସ୍ଥାପନ

**ଭୁବନେଶ୍ୱର,୫।୯ (ମହାଭାରତ):** ଶିଶୁ ଏବଂ ଗୋଷ୍ଠୀ ମଧ୍ୟରେ ଚିନିର ଅତ୍ୟଧିକ ବ୍ୟବହାରକୁ ରୋକିବା ପାଇଁ ଓଡ଼ିଶା ସରକାର ଚିନି ବୋର୍ଡ ଆନ୍ଦୋଳନକୁ ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ଅଭ୍ୟାସଗତ ପରିବର୍ତ୍ତନ ପଦକ୍ଷେପ ଭାବରେ ଆରମ୍ଭ କରିଛନ୍ତି । ଏହି ପଦକ୍ଷେପ ଅଧୀନରେ, ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ସୂଚନାପ୍ରଦ ଏବଂ ଦୃଶ୍ୟାତ୍ମକ ରୂପରେ ଆକର୍ଷକ ଚିନି ବୋର୍ଡ ସ୍ଥାପନ କରାଯାଉଛି । ଶିଶୁ ମୋଟାପା, ମଧୁମେହର ପ୍ରାରମ୍ଭିକ ପର୍ଯ୍ୟାୟ ଏବଂ ଦନ୍ତକ୍ଷୟ ଭଳି ଅଧିକ ଚିନି ଖାଇବା ସହ ଜଡିତ ସ୍ୱାସ୍ଥ୍ୟଗତ ବିପଦ ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଚିନି ବୋର୍ଡର ପରିକଳ୍ପନା କରାଯାଇଛି । ସାଧାରଣତଃ ପ୍ୟାକେଜ୍ ହୋଇଥିବା ଖାଦ୍ୟ ଏବଂ ପାନୀୟରେ ଥିବା ଚିନିର ପରିମାଣ ସମ୍ପର୍କରେ ବୋର୍ଡଗୁଡ଼ିକ ଶିଶୁ, ପିତାମାତା ଏବଂ ଗୋଷ୍ଠୀ ମଧ୍ୟରେ ସଚେତନତା ସୃଷ୍ଟି କରିବ । ଏହି ପଦକ୍ଷେପ ପିତାମାତା, ଯତ୍ନ ନେଉଥିବା ବ୍ୟକ୍ତି ଏବଂ ଆଗଧାଡ଼ିର କର୍ମୀମାନଙ୍କୁ ସୁଚିନ୍ତିତ ଖାଦ୍ୟାଭ୍ୟାସ ବାବଦରେ ସଚେତନ କରିବ । ଏହା ଦ୍ୱାରା ଛୋଟ ବୟସରୁ ଶିଶୁମାନଙ୍କୁ ସୁସ୍ଥ ଖାଦ୍ୟାଭ୍ୟାସ ନିମନ୍ତେ ପ୍ରୋତ୍ସାହିତ କରାଯିବ । ପୋଷଣ ଅଭିଯାନ ଏବଂ ଫିଟ୍ ଇଣ୍ଡିଆ ଆନ୍ଦୋଳନର ଉଦ୍ଦେଶ୍ୟକୁ ଏହି ଅଭିଯାନ ସଫଳ କରିବା ସହ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ଉନ୍ନତ ପୋଷଣ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି ଏବଂ ସାମଗ୍ରିକ ଶିଶୁ ବିକାଶ ଦିଗରେ କାର୍ଯ୍ୟ କରିବ । ରାଜ୍ୟ ସରକାର ଚିନି ବୋର୍ଡ ଆନ୍ଦୋଳନ ଭଳି ଅଭିନବ, ସଚେତନତାଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର ଅଭିଯାନକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ଅଟନ୍ତି ।

# ରେଳପଥର ସଚେତନତା ଏବଂ ସଫେଇ ଅଭିଯାନ

**ଭୁବନେଶ୍ୱର,୫।୯ (ମହାଭାରତ):** ପୂର୍ବତଟ ରେଳପଥ ସ୍ୱଚ୍ଛତା ଅଭିଯାନ-୨୦୨୫ ଅନ୍ତର୍ଗତ ଏହାର ମୁଖ୍ୟାଳୟରେ ସଚେତନତା ଏବଂ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ସହିତ ଏହାର ଉତ୍ସର୍ଗୀକୃତ ପ୍ରୟାସ ଜାରି ରଖିଛି । ଆୟୋଜିତ ସଚେତନତା ଅଭିଯାନଗୁଡ଼ିକ ଏହି ବାର୍ତ୍ତାକୁ ଆହୁରି ଦୃଢ଼ କରିବା ସକାଶେ ପ୍ରୟାସ କରିଛି ଯେ ସ୍ୱଚ୍ଛତା କେବଳ ଏକ କର୍ତ୍ତବ୍ୟ ନୁହେଁ ବରଂ କାର୍ଯ୍ୟସ୍ଥଳ ଏବଂ ସାର୍ବଜନୀନ ସ୍ଥାନରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଏକ ସାମୂହିକ ଦାୟିତ୍ୱ ।



ଏହି ପରିପ୍ରେକ୍ଷୀରେ, ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟରେ ସ୍ୱଚ୍ଛ ସମ୍ବାଦ କର୍ମଚାରୀମାନଙ୍କ ମଧ୍ୟରେ ଏକ ଆଦାନପ୍ରଦାନ ଅଧିବେଶନର ଆୟୋଜନ କରିଥିଲା । ଏହି ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରୀୟ ହସ୍ପିଟାଲର ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଦୈନନ୍ଦିନ ଜୀବନରେ, ଘରେ ଏବଂ କାର୍ଯ୍ୟସ୍ଥଳରେ, ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ରେଳ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ମିଶନର ଦୂତ ହେବା ଏବଂ ସମାଜରେ ସଚେତନତା ପ୍ରସାର କରିବାକୁ ଉତ୍ସାହିତ କରିଥିଲେ ।

କର୍ମଚାରୀମାନଙ୍କ ସହିତ ଏକ ଆକର୍ଷଣୀୟ ଏବଂ ପ୍ରଭାବଶାଳୀ ଉପାୟରେ ସଂଯୋଗ ସ୍ଥାପନ କରିବା ପାଇଁ, ମୁଖ୍ୟାଳୟର ସାଂସ୍କୃତିକ ଦଳ ଏକ ସ୍ୱଚ୍ଛତା-ଥିମ୍ ନୁକ୍କଡ ନାଟକ (ପଥପ୍ରାନ୍ତ ନାଟକ) ପ୍ରଦର୍ଶନ କରିଥିଲେ । ବ୍ୟଙ୍ଗ ଏବଂ ସାମାଜିକ ବାର୍ତ୍ତା ମାଧ୍ୟମରେ, ନାଟକଟି କିପରି ଛୋଟ ବ୍ୟକ୍ତିଗତ ପ୍ରୟାସ ବୃହତ ସ୍ୱଚ୍ଛତା ଲକ୍ଷ୍ୟ ହାସଲ କରିବାରେ ଯୋଗଦାନ ଦିଏ ଏବଂ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ସର୍ବୋତ୍ତମ ଅଭ୍ୟାସ ଗ୍ରହଣ କରିବାକୁ ପ୍ରେରଣା ଦିଏ ତାହା ଉପରେ ଆଲୋକପାତ କରିଥିଲା । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସମୟରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ (ଏଜିଏମ୍) ବି.ଏସ୍.କେ.ରାଜକୁମାର ଅଂଶଗ୍ରହଣକାରୀଙ୍କ ଉତ୍ସାହକୁ ପ୍ରଶଂସା କରିଥିଲେ ।

# ସିଜିଏଲ ଓ ଅନ୍ୟ ସାଧାରଣ ପଦବୀ ବିଜ୍ଞପ୍ତି ପ୍ରକାଶ ଦାବି

**ଭୁବନେଶ୍ୱର,୫।୯ (ମହାଭାରତ):** ନୂତନ ବିଜେପି ସରକାର ଗଠନ ପରେ ଓଡ଼ିଶାର ବେକାର ଯୁବକ ଯୁବତୀମାନଙ୍କ ମଧ୍ୟରେ ସରକାରୀ ଚାକିରି ନିଯୁକ୍ତି ପ୍ରକ୍ରିୟାରେ ସମୟାନୁବର୍ତ୍ତୀତା ଆସିବ ବୋଲି ଆଶା ସୃଷ୍ଟି ହୋଇଥିଲା । କିନ୍ତୁ ସିଜିଏଲ -୨୦୨୫ ଏବଂ ଅନ୍ୟାନ୍ୟ ସାଧାରଣ ପଦବୀ (ସମସ୍ତ ବର୍ଗ ଏବଂ ଯୋଗ୍ୟତା ପାଇଁ ଉନ୍ମୁକ୍ତ) ପାଇଁ ବିଜ୍ଞାପନ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନଥିବାରୁ ଲକ୍ଷ ଲକ୍ଷ ଆଶାୟୀମାନେ ଅନିଶ୍ଚିତତା ଏବଂ ହତାଶାର ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟର ବେକାର ଯୁବକଯୁବତୀମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ଏବଂ ଅନ୍ୟ ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖି ତୁରନ୍ତ ବିଜ୍ଞାପନ ପ୍ରକାଶନ ଏବଂ ନିଯୁକ୍ତି କ୍ୟାଲେଣ୍ଡର ପ୍ରତିଷ୍ଠାର ଦାବି କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ବେକାରୀ ଏକ ପ୍ରମୁଖ ସମସ୍ୟା ହୋଇପଡ଼ିଛି । ନୂତନ ବିଜେପି ସରକାର ଗଠନ ପରେ ଯୁବକମାନଙ୍କ ମଧ୍ୟରେ ଆଶାର କିରଣ ଦେଖାଦେଇଥିଲା ଯେ ସରକାରୀ ନିଯୁକ୍ତି ପ୍ରକ୍ରିୟା ଦ୍ରୁତଗତିରେ ହେବ । କିନ୍ତୁ ଓଏସଏସସି(ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ୍), ଓଏସଏସଏସସି (ଓଡ଼ିଶା ସବ୍-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ୍) ଏବଂ ଓପିଏସସି (ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ୍) ଅଧୀନରେ ଥିବା ସିଜିଏଲ -୨୦୨୫ ଏବଂ ଅନ୍ୟାନ୍ୟ ସାଧାରଣ ପଦବୀଗୁଡ଼ିକର ବିଜ୍ଞାପନ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନଥିବାରୁ ଆଶାୟୀମାନେ ହତାଶ ହୋଇପଡ଼ିଛନ୍ତି । ଏହି ବିଳମ୍ବ ଯୋଗୁଁ ନା କେବଳ ଯୁବକମାନଙ୍କର ଭବିଷ୍ୟତ ଅନିଶ୍ଚିତ ହେଉଛି, ବରଂ ରାଜ୍ୟର ପ୍ରଶାସନିକ ଯନ୍ତ୍ରପାତି ମଧ୍ୟ ଦୁର୍ବଳ ହେଉଛି । ଯୁବକମାନେ କହିଛନ୍ତି ଯେ ସମୟାନୁବର୍ତ୍ତୀ ନିଯୁକ୍ତି କେବଳ ଚାକିରି ପ୍ରଦାନ କରିବ ନାହିଁ, ବରଂ ରାଜ୍ୟର ଅର୍ଥନୀତିକୁ ମଧ୍ୟ ମଜବୁତ କରିବ । ତେଣୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏହି ସମସ୍ୟାର ସମାଧାନ ଆଶା କରୁଛନ୍ତି ।

# ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ପ୍ରଭାତି

**ଭୁବନେଶ୍ୱର,୫।୯ (ମହାଭାରତ):** ତାଳଚେର ଓ ଫୁଲବାଣୀ ସରକାରୀ ମେଡିକାଲ କଲେଜରେ ନାମଲେଖା ଅନୁମତି ମିଳିବା ପରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ତାଳଚେରର ପବିତ୍ର ମୋହନ ମେଡିକାଲ କଲେଜ୍ ଏବଂ ଫୁଲବାଣୀ ମେଡିକାଲ କଲେଜ୍‌ରେ ୨୦୦ ଏମବିବିଏସ ସିଟ୍‌ରେ ନାମ ଲେଖା ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ଲେଟର ଅଫ୍ ପରମିସନ ପ୍ରଦାନ କରିଛନ୍ତି । ଏଥିସହ ସିଟ୍ ସଂଖ୍ୟା ବୃଦ୍ଧି ପାଇଁ ଅନୁମତି ମଧ୍ୟ ପ୍ରଦାନ କରାଯାଇଛି । ଏଥିପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଜେପି ନଡ୍ଡାଙ୍କୁ ଧନ୍ୟବାଦ ଜଣାଉଛି । ଏହି ପଦକ୍ଷେପ ରାଜ୍ୟର ମେଡିକାଲ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ ।

# ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଆଲୋଚନା



**ଭୁବନେଶ୍ୱର,୫।୯ (ମହାଭାରତ):** ଭାରତ ଓ ସିଙ୍ଗାପୁର ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜଭୂତ୍ କରିବା ଦିଗରେ ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କ ମଧ୍ୟରେ ଏକ ଫଳପ୍ରଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଓ ସିଙ୍ଗାପୁରର ଦ୍ୱିପାକ୍ଷିକ ସହଯୋଗରେ ଶିକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଏଥର ବିଶେଷ ହୋଇଛି, କାରଣ ଚଳିତବର୍ଷ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ଷାଠିଏ ବର୍ଷ ପୂରଣ ହୋଇଛି । ବୈଠକରେ ସ୍କୁଲ ଶିକ୍ଷା, ଉଚ୍ଚଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ଚର୍ଚ୍ଚା ହୋଇଛି । ଶିକ୍ଷକଙ୍କ କାପାସିଟି ବିଲଡିଂ, ଗବେଷଣା ଦକ୍ଷତା ଏବଂ କ୍ଷମତା ବୃଦ୍ଧି, ଦକ୍ଷତା ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ମଧ୍ୟ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ଏବଂ ସମୃଦ୍ଧ ପରିବେଶ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆମ ଉଭୟ ଦେଶର ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଅଧିକ ଷ୍ଟୁଡେଣ୍ଟ୍ ଏକ୍ସଚେଞ୍ଜକୁ ସୁଗମ କରିବା ପାଇଁ ଏକାଠି କାମ କରିବା ଦିଗରେ ସମ୍ମତି ପ୍ରକାଶ କରିଛନ୍ତି ।

# ଶିକ୍ଷା ଓ ଅନୁସନ୍ଧାନ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୫।୯ (ମହାଭାରତ):** ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ମନୋନୀତ ହୋଇଛି । ଗୁରୁବାର କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍ନାଲ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍‌ୟାଙ୍କିଙ୍ଗସ୍‌ର ଦଶମ ସଂସ୍କରଣରେ ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସୋଆ ୧୫ ତମ ସ୍ଥାନ ହାସଲ କରିଛି ।

ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୫ ବର୍ଷ ନିମନ୍ତେ ଏନ୍‌ଆଇଆର୍‌ଏଫ୍ ର୍‌ୟାଙ୍କିଙ୍ଗସ୍ ଘୋଷଣା କରିଥିଲେ । ସେହିପରି ସାମଗ୍ରିକ ଶିକ୍ଷାନୁଷ୍ଠାନ ତାଲିକାରେ ସୋଆ ୨୫ ତମ ବିଶ୍ୱବିଦ୍ୟାଳୟ ଭାବେ ସ୍ଥାନୀତ ହୋଇଛି । ୨୦୧୬ ମସିହାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ୧୦ ବର୍ଷ ଧରି ପ୍ରକାଶିତ ହେଉଥିବା ଏନ୍‌ଆଇଆର୍‌ଏଫ୍ ର୍‌ୟାଙ୍କିଙ୍ଗସ୍‌ରେ ଦେଶର ଶ୍ରେଷ୍ଠ ୨୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ତାଲିକାରେ ନିଜ ସ୍ଥାନ ବଜାୟ ରଖିଛି ସୋଆ । ସେଥି ମଧ୍ୟରୁ ସୋଆ ୮ ଥର ଶ୍ରେଷ୍ଠ ୨୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ନିଜକୁ ସାମିଲ୍ କରିପାରିଛି ।

ଚଳିତବର୍ଷ ମେଡିକାଲ୍ ସାଇନ୍‌ସେସ୍ କ୍ଷେତ୍ରରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୧୫ ତମ ସ୍ଥାନ ହାସଲ କରିଛି । ଗତ ବର୍ଷ ଏହା ୨୧ ତମ ସ୍ଥାନରେ ରହିଥିବା ବେଳେ ଚଳିତ ଥର ୬ଟି ସ୍ଥାନ ଉପରକୁ ଉଠିଛି ଏହି ଡାକ୍ତରୀ ଶିକ୍ଷାନୁଷ୍ଠାନ । ସେହିପରି ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ ୯ମ ସ୍ଥାନ ବଜାୟ ରଖିଛି ।

ଏହି ଡିମ୍‌ଡ ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ କ୍ୟାଟେଗୋରିରେ ଗତ ବର୍ଷ ୨୬ ତମ ର୍‌ୟାଙ୍କ ହାସଲ କରିଥିବା ବେଳେ ଚଳିତ ବର୍ଷ ଏଥିରେ ଉନ୍ନତି ଘଟି ୨୨ ତମ ସ୍ଥାନରେ ପହଂଚିଛି । ସେହିପରି ଲ' କ୍ୟାଟେଗୋରିରେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ ସାରା ଦେଶରେ ଶ୍ରେଷ୍ଠ ଦଶମ ଆଇନ୍ କଲେଜର ମାନ୍ୟତା ପାଇଛି ।

ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକ ଏହି ଅବସରରେ ଖୁସି ବ୍ୟକ୍ତ କରିବା ସହ ବିଶ୍ୱବିଦ୍ୟାଳୟର ଫାକଲ୍ଟି, ଗବେଷକ ଏବଂ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ସୋଆକୁ ଆହୁରି ଉଚ୍ଚକୁ ନେବା ନିମନ୍ତେ ସେମାନଙ୍କର ଏହି ଉଦ୍ୟମକୁ ଜାରି ରଖିବା ନିମନ୍ତେ ପ୍ରୋତ୍ସାହିତ କରିଛନ୍ତି ।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟର ଏହି ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ବିଶ୍ୱବିଦ୍ୟାଳୟକୁ ଆଗାମୀ ବର୍ଷରେ ଆହୁରି ଅଧିକ ସଫଳତା ହାସଲ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

# ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୫.୮୨ ଲକ୍ଷ ବରିଷ୍ଠ ନାଗରିକ ସାମିଲ

**ଭୁବନେଶ୍ୱର,୫।୯ (ମହାଭାରତ):** ଆୟୁଷ୍ମାନ ବୟୋବନ୍ଦନା ଯୋଜନା ବରିଷ୍ଠ ନାଗରିକମାନଙ୍କ ପାଇଁ ବୃଦ୍ଧ କାଳର ସାହାରା ସାଜିଛି । ବଡ଼ ବଡ଼ ହସ୍ପିଟାଲମାନଙ୍କରେ ଖର୍ଚ୍ଚ ବହୁଳ ଚିକିତ୍ସା ସେମାନଙ୍କ ପାଇଁ ଏବେ ଦେୟମୁକ୍ତ ଭାବେ ସହଜଲବ୍ଧ ହୋଇଛି । ସହରରୁ ଗ୍ରାମାଂଚଳ, ଉପକୂଳରୁ ଉପାନ୍ତ ଅଂଚଳ ପର୍ଯ୍ୟନ୍ତ ସମସ୍ତ ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କ ମନରେ ଏ ଯୋଜନା ନୂଆ ବିଶ୍ୱାଶ ଓ ଭରଷା ଆଣିଛି ।

ଓଡ଼ିଶାରେ ଚଳିତ ବର୍ଷ ଏପ୍ରିଲ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୋଜନାର ଲୋକପ୍ରିୟତା ଦୃତ ଗତିରେ ବଢ଼ିବାକୁ ଲାଗିଛି । ୫ ମାସରୁ କମ୍ ଅବଧି ମଧ୍ୟରେ ଅଗଷ୍ଟ ୩୧ ତାରିଖ ସୁଦ୍ଧା ରାଜ୍ୟର ସବୁ ଅଂଚଳରୁ ପ୍ରାୟ ୫.୮୨ ଲକ୍ଷ ବରିଷ୍ଠ ନାଗରିକ ଏହି ଯୋଜନାରେ ସାମିଲ ହୋଇଛନ୍ତି । ଓଡ଼ିଶା ଓ ବାହାର ରାଜ୍ୟସ୍ଥିତ ତାଲିକାଭୁକ୍ତ ହସ୍ପିଟାଲମାନଙ୍କରେ ଓଡ଼ିଶାର ୧୦୧୪୬ ଜଣ ବରିଷ୍ଠ ନାଗରିକ ବିଭିନ୍ନ ପ୍ରକାର ଜଟିଳ ରୋଗର ଦେୟମୁକ୍ତ ଚିକିତ୍ସା ଲାଭ କରିଛନ୍ତି । ସେମାନଙ୍କ ଚିକିତ୍ସା ବାବଦରେ ୩୧୬୦.୭୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସରକାର ବୟୋବନ୍ଦନା କାର୍ଡ ମାଧ୍ୟମରେ ଯୋଗାଇ ଦେଇଛନ୍ତି । ଏହିପରି ଜଣେ ବରିଷ୍ଠ ନାଗରିକ ହେଉଛନ୍ତି କଳାହାଣ୍ଡି ଜିଲ୍ଲା କାମଥାନା ଗ୍ରାମ ନିବାସୀ ୭୨ ବର୍ଷୀୟ ମହିଳା ଟି. ଲକ୍ଷ୍ମୀ । ଜୁଲାଇ ମାସ ୫ ତାରିଖ ଦିନ ନିଜ ଘରେ ଥିବା ବେଳେ ହଠାତ୍ ସେ ଛାତିରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଭବାନୀପାଟଣା ସରକାରୀ ଚିକିତ୍ସାଳୟକୁ ନିଆଯାଇଥିଲା । ପ୍ରାଥମିକ ପରୀକ୍ଷାରୁ ଟି. ଲକ୍ଷ୍ମୀ ଗୁରୁତର ହୃଦ୍ରୋଗରେ ପିଡ଼ୀତ ଥିବା ଡାକ୍ତର ଜାଣିପାରିଥିଲେ । ଭବାନୀପାଟଣା ଡାକ୍ତରଖାନାରେ ପ୍ରାରମ୍ଭିକ ଚିକିତ୍ସା ଓ ଯତ୍ନ ପରେ ତାଙ୍କର ଅବସ୍ଥା ସାମୟିକଭାବେ ସ୍ଥିର ହେଲା, ଏବଂ ଡାକ୍ତର ତାଙ୍କୁ ତୁରନ୍ତ ଉଚ୍ଚତର ହୃଦ୍ରୋଗ ଚିକିତ୍ସା ପାଇଁ ସୁପର ସ୍ପେସାଲିଷ୍ଟ ହସ୍ପିଟାଲ୍ ଯିବାକୁ ପରାମର୍ଶ ଦେଲେ ।

ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆୟୁଷ୍ମାନ୍ ବୟୋବନ୍ଦନା କାର୍ଡ ଟି. ଲକ୍ଷ୍ମୀଙ୍କୁ ଆଶା ଓ ଭରଷା ଦେଲା । ତାଙ୍କର ସ୍ୱାମୀ ତାଙ୍କୁ ଜୁଲାଇ ୬ ତାରିଖ ଦିନ ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲକୁ ଆଣିଲେ । କାର୍ଡ ବଳରେ ତାଙ୍କୁ ହସ୍ପିଟାଲ୍ରେ ଆଡ୍ମିଶନ ମିଳିଲା ଏବଂ ଦେୟମୁକ୍ତ ଚିକିତ୍ସା ଆରମ୍ଭ ହେଲା । ଉପଯୁକ୍ତ ପରୀକ୍ଷା ନିରୀକ୍ଷା ଓ ଆନ୍ଜିଓଗ୍ରାମ୍ରୁ ଛାତିର ୨ ଟି ରକ୍ତନଳୀରେ ପ୍ରତିବନ୍ଧକ ଥିବା ଜଣାପଡ଼ିଲା । ଆବଶ୍ୟକୀୟ ଆନ୍ଜିଓପ୍ଲାଷ୍ଟି ସର୍ଜରୀ କରାଗଲା ଏବଂ ୨ ଟି ଷ୍ଟେଂଟ ଲଗାଗଲା । ଧିରେ ଧିରେ ଟି . ଲକ୍ଷ୍ମୀ ଆରୋଗ୍ୟ ଲାଭକଲେ ଏବଂ ତାଙ୍କୁ ଜୁଲାଇ ୧୦ ତାରିଖ ଦିନ ହସ୍ପିଟାଲ୍ରୁ ଡିସ୍ଚାର୍ଯ୍ କରାଗଲା । ସମୁଦାୟ ଚିକିତ୍ସା ସଂପୂର୍ଣ୍ଣ ଦେୟମୁକ୍ତ ଭାବେ କରାଯାଇଥିଲା । ଚିକିତ୍ସା ବାବଦରେ ପ୍ରାୟ ୧.୭୨ ଲକ୍ଷଟଙ୍କାର ଖର୍ଚ୍ଚ ସରକାର ବୟୋବନ୍ଦନା କାର୍ଡ ମାଧ୍ୟମରେ ଯୋଗାଇ ଦେଇଥିଲେ । ବର୍ତ୍ତମାନ ଟି . ଲକ୍ଷ୍ମୀଙ୍କ ଶରୀର ସୁସ୍ଥ ଅଛି ଏବଂ ସେ ନିଜର ସାଧାରଣ ଜୀବନ ଯାପନ କରୁଛନ୍ତି । ତାଙ୍କର ପୁଅ ଟି. ଭାନୁ ପ୍ରସାଦ ରାଓ କହିଛନ୍ତି '' ଆୟୁଷ୍ମାନ ବୟୋବନ୍ଦନା ଯୋଜନା ପାଇଁ ଆମେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମ ରାଜ୍ୟରେ ଏହାକୁ ପ୍ରଚଳନ କରାଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଉଛୁ । ଏହି ଯୋଜନା ଆମ ମା'ଙ୍କ ଜୀବନ ରକ୍ଷାକଲା । କାର୍ଡ ବିନା ଏପରି ଖର୍ଚ୍ଚ ବହୁଳ ଚିକିତ୍ସା କରିବାକୁ ଆମେ ସମର୍ଥ ହୋଇ ନଥାନ୍ତୁ '' ।

# ବିହାରରେ ମେଣ୍ଟ ସରକାର

ବିଜେପି ଓ ଜେଡିୟୁ ଏହି ନିର୍ବାଚନରେ ପ୍ରାୟ ସମାନ ସଂଖ୍ୟକ ଆସନ ଲଢ଼ିବେ ବୋଲି ଆପାତଥଃ ଚୁଡ଼ାନ୍ତ ହୋଇଛି । ୨୪୩ ସଦସ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାର ୧୦୦ ଆସନରେ ବିଜେପି ଏବଂ ୧୦୫ ଆସନରେ ଜେଡିୟୁ ପ୍ରାର୍ଥୀ ।ଦେବ ବୋଲି ସ୍ଥିରୀକୃତ ହୋଇଛି । ଚିରାଗ ପାଶ୍ୱାନଙ୍କ ଏଲଜେପି ୪୦ ଆସନ ଦାବି କରିଥିବା ବେଳେ ଏହାକୁ ଅତି ବେଶୀରେ ୨୦ରୁ ୨୫ ଆସନ ଦିଆଯିବ ବୋଲି ଶୁଣାଯାଉଛି । ଗତ ନିର୍ବାଚନରେ ଏହା ମାତ୍ର ଗୋଟିଏ ଆସନରେ ଲଢ଼ିଥିଲା । କିନ୍ତୁ ଏହା ଜେଡିୟୁ ଲଢ଼ିଥିବା ଆସନରେ ପ୍ରାର୍ଥୀ ଦେଇଥିଲା ଏବଂ ଏହା ଦ୍ୱାରା ଜେଡିୟୁ ପ୍ରାୟ ୩୦ଟି ଆସନ ହରାଇଥିଲା । ଜିତନ ରାମ ମାନଝୀଙ୍କ ହାମକୁ ୧୦ରୁ ୧୫ଟି ଆସନ ଛାଡ଼ିଦିଆଯାଇପାରେ । ଏହି ସମୀକରଣକୁ ଚିରାଗ ପାଶ୍ୱାନ କେତେଦୂର ଗ୍ରହଣ କରିବେ ତାହା ସନ୍ଦେହରେ । ନିଜକୁ ବିହାର ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ସବୁ ବେଳେ ଦାବିଦାର କହି ଆସୁଥିବା ଚିରାଗ ଯଦି ଗତ ଥର ଭଳି ଅଧିକ ଆସନରେ ପ୍ରାର୍ଥି ଦିଅନ୍ତି ତେବେ ଏନଡିଏ ପାଇଁ ଏହା ମହଙ୍ଗା ପଡ଼ିବ । କିଛି ଦିନ ତଳେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଚିରାଗ ନୀତିଶ ସରକାରଙ୍କୁ ସମାଲୋଚନା କରିଥିଲେ । ଏବେ ସେ କିପରି ଜେଡିୟୁ ସହ ହାତ ମିଳାଇବେ ତାହା ପ୍ରଶ୍ନବାଚୀରେ । ସେହିପରି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକର ପ୍ରମୁଖ ଅଂଶୀଦାର ଦଳ ଆରଜେଡି ଏଥର ୧୭୦ଆସନରେ ପ୍ରାର୍ଥୀ ଦେବ ବୋଲି ନିଷ୍ପତ୍ତି ନେଇଛି । କଂଗ୍ରେସକୁ ପ୍ରାୟ ୫୦ଟି ଏବଂ ବାକି ଆସନ ବାମପନ୍ଥୀ ସାମ୍ମୁଖ୍ୟକୁ ଛାଡ଼ି ଦିଆଯିବ । ସମ୍ଭବତଃ ଇଣ୍ଡିଆ ମେଣ୍ଟରେ ଆସନ ବୁଝାମଣାକୁ ନେଇ କିଛି ସମସ୍ୟା ନାହିଁ । ଇଣ୍ଡିଆ ବ୍ଲକ ପକ୍ଷରୁ ଅସାଦୁଦ୍ଦିନ ଓୱେସିଙ୍କ ଏଆଇଏମଆଇଏମକୁ ମେଣ୍ଟରେ ସାମିଲ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ଅସାଦୁଦ୍ଦିନ ଏହି ପ୍ରସ୍ତାବକୁ ରୋକଠୋକ ପ୍ରତ୍ୟାଖ୍ୟାନ କରିବା ସହ ବିହାରରେ ଏକ ତୃତୀୟ ମେଣ୍ଟ ସପକ୍ଷରେ ମତବ୍ୟକ୍ତ କରିଛନ୍ତି । କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ବିହାରରେ ତୃତୀୟ ମେଣ୍ଟ ପରିକଳ୍ପନା ସମ୍ଭବ ହେବା ପରି ମନେ ହେଉନି । ଯଦି ବା ଏହା ସମ୍ଭବ ହେବ ତାହା ସଫଳ ହେବାର ଆଶା କ୍ଷୀଣ । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଥର ବିହାର ଗସ୍ତରେ ଯାଇ ଜନସଭାରେ ଉଦବୋଧନ ଦେବା ସହିତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିଛନ୍ତି । ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ମୋଦି ପ୍ରାସ କରୁଛନ୍ତି । ତାଙ୍କ ସହିତ ବିଭିନ୍ନ ଜନସଭାରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ରହିଛନ୍ତି । ଗତ ଥର ନୀତିଶ ଘୋଷଣା କରିଥିଲେ ଯେ, ସେ ଆଉ ମୁଖ୍ୟମନ୍ତ୍ରୀ ହେବେ ନାହିଁ । କିନ୍ତୁ ଯାହା ଜଣାପଡୁଛି ଏଥର ମଧ୍ୟ ନୀତିଶ ଏନଡିଏର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ । ପ୍ରଧାନମନ୍ତ୍ରୀ ମୋଦି ବିଭିନ୍ନ ଜନସଭାରେ ଉଦବୋଧନ ଦେଇ ବିହାରର ବିକାଶରେ କେନ୍ଦ୍ରର ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଉଭୟ କେନ୍ଦ୍ର ଲବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ବିହାର ଏକ ବିକଶିତ ରାଜ୍ୟରେ ପରିଣତ ହେବାକୁ ଯାଉଛି ବୋଲି ସେ କହିଛନ୍ତି । ଅନ୍ୟ ପକ୍ଷରେ ଏନଡିଏର ମୁକାବିଲା ନିମନ୍ତେ ଇଣ୍ଡିଆ ବ୍ଲକ ପକ୍ଷରୁ ମଧ୍ୟ ସମାନ୍ତରାଳ କାର୍ଯ୍ୟକ୍ରମ ଚାଲିଛି । ବିରୋଧୀ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅବନତିକୁ ମୁଖ୍ୟ ପ୍ରସଙ୍ଗ କରିଛି । ଏହା ସହିତ ବିହାରରେ ଚାଲିଥିବା ଏସଆଇକୁ କଂଗ୍ରେସ ଏବଂ ଆରଜେଡି ପ୍ରବଳ ବିରୋଧ କରୁଛନ୍ତି । ରାହୁଲ ସିଧାଳସଳଖ ନିର୍ବାଚନ କମିଶନଙ୍କ ବିରୋଧରେ ଭୋଟ ଚୋରି ଅଭିଯୋଗ ଆଣିଛନ୍ତି । ବିଜେପି ସହ ହାତ ମିଳାଇ ନିର୍ବାଚନ କମିଶନ ଭୋଟ ଚୋରିରେ ସହଯୋଗ କରୁଥିବା ସେ ଅଭିଯୋଗ କରିଛନ୍ତି ଯାହା ଅତ୍ୟନ୍ତ ସଙ୍ଗୀନ ପ୍ରସଙ୍ଗ ।

# ପୁତିନଙ୍କ ଅପରେସନ ଆମେରିକା

॥ ସୌମେନ୍ଦ୍ର ଜେନା ॥

"
କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଳାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚଲେଞ୍ଜ ଦେଇଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ଓ ସୋଭିଏତ୍ ରୁଷିଆ ମଧ୍ୟରେ ନିଜସ୍ୱ ବର୍ଚ୍ଚସ୍ୱ ପ୍ରତିଷ୍ଠା ପାଇଁ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଆସିଛି ଏବେ ତାହା ଏକ ଭିନ୍ନ ସୋପାନରେ ପହଞ୍ଚିଛି । ରୁଷିଆର ପ୍ରଭାବକୁ ୟୁରୋପରେ ସଂକୁଚିତ କରିବା ପାଇଁ ୟୁକ୍ରେନ ମାଧ୍ୟମରେ ଆମେରିକା ଯେଉଁ ଗୋଟି ଚଳାଇ ଆସିଛି ତାକୁ ଅତି କଠୋର ଭାବରେ ସାମ୍ନା କରିଆସିଛି ରୁଷିଆ । ୟୁକ୍ରେନର ସହାୟତା ପାଇଁ ନାଟୋର ସଦସ୍ୟ ରାଷ୍ଟ୍ର ସମୂହଙ୍କୁ ଆମେରିକା ଏକାଠି କରି ଅସ୍ତ୍ରଶସ୍ତ୍ର ଚାଲାଣ ଜାରି ରଖିଛି । ତେଣେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଆମେରିକାର ସମସ୍ତ ଚାଲକୁ ବିଫଳ କରିବା ପାଇଁ ଯେତିକି ପ୍ରୟାସ ନିଜ ଦେଶରେ କରିଛନ୍ତି ସେତିକି ଦେଶ ବାହାରେ ମଧ୍ୟ କରିଛନ୍ତି । ପୁତିନଙ୍କ କୂଟନୀତି ଯୋଗୁ ଏସିଆର ଦୁଇଟି ପ୍ରମୁଖ ରାଷ୍ଟ୍ର ଚୀନ ଓ ଭାରତ ଆମେରିକା ସପକ୍ଷରେ ପୂରାପୂରି ଯାଇନାହାନ୍ତି । ସତକଥା ହେଲା ପୁତିନଙ୍କ ଦୃଢ ମନୋବଳ ଯୋଗୁ ଆମେରିକା ଏବଂ ନାଟୋ ମେଣ୍ଟର କଟକଣା, ଅସହଯୋଗ, ଷଡଯନ୍ତ୍ର ସତ୍ତ୍ୱେ ରୁଷିଆ ଏକାକୀ ଲଢିଆସିଛି । ଆମେରିକା ଏବଂ ୟୁରୋପର ରାଷ୍ଟ୍ରଗୁଡିକ ବିଶ୍ୱମଞ୍ଚରେ ରୁଷିଆକୁ ଏକାକୀ କରିବାକୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିଥିଲେ ମଧ୍ୟ ପୁତିନଙ୍କୁ ସମର୍ଥନ ଦେବାପାଇଁ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ମୁଖ୍ୟ ମସ୍କୋରେ ଉପସ୍ଥିତ ରହି ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଦେଢବର୍ଷରୁ ଅଧିକ କାଳ ଧରି ୟୁକ୍ରେନ -ରୁଷିଆର ଯୁଦ୍ଧ ମଧ୍ୟରେ ରୁଷିଆର ଜନସାଧାରଣ ଏବଂ ସହଯୋଗୀ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖି ପୁତିନ ନିଜ ସଫଳ ନେତୃତ୍ୱର ପରିଚୟ ଦେଇପାରିଛନ୍ତି । ରୁଷିଆର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ୱାଗନର ଗ୍ରୁପର ମୁଖ୍ୟ ଏବଂ ପୂର୍ବତନ ନିକଟତମ ସହଯୋଗୀ ପ୍ରିଗୋଝିନଙ୍କ ପରି ବ୍ୟକ୍ତିଙ୍କୁ ରାସ୍ତାରୁ ହଟାଇବାକୁ ସକ୍ଷମ ହୋଇଛନ୍ତି । ଆମେରିକାର ସମସ୍ତ ପ୍ରକାର ପ୍ରୟାସ ସତ୍ତ୍ୱେ ରୁଷିଆର ନେତୃତ୍ୱ ଦୁର୍ବଳ ହୋଇନାହିଁ ବରଂ ଆମେରିକା ମଧ୍ୟରେ ପୁତିନଙ୍କ ଅପରେସନ ଅଧିକ ଶକ୍ତିଶାଳୀ ହୋଇଛି । ରୁଷିଆ ବାହାରେ ଆମେରିକାର ସମ୍ମାନ ଓ ପ୍ରତିଷ୍ଠାରେ ଆଞ୍ଚ ଆସିଛି । ଯେଉଁ ଗଣତନ୍ତ୍ର କଥା କହି ଆମେରିକା ନିଜର ଆଧିପତ୍ୟ ବିସ୍ତାର ପାଇଁ ବାଟ ଫିଟାଇଥାଏ ସେହି ଗଣତନ୍ତ୍ର ପ୍ରତି ଅନ୍ୟମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ମାଇଣ୍ଡଗେମ୍‌ରେ ଆମେରିକାକୁ ଦୁର୍ବଳ କରିବାକୁ ପୁତିନ ସଫଳ ହୋଇଛନ୍ତି ।

ସୋଭିଏତ ରୁଷିଆକୁ ଦୁର୍ବଳ କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଯେଉଁ ପ୍ରୟାସ ଆମେରିକା ଚଳାଇ ଆସିଥିଲା ତାହା ଚରିଦଶନ୍ଧି ପରେ ସଫଳ ହେଲା । ସୋଭିଏତ୍ ସଂଘକୁ ଭାଙ୍ଗିବା ପାଇଁ ଆମେରିକାର ନିରନ୍ତର ପ୍ରୟାସକୁ ପୁତିନ ଦେଖିଥିଲେ । ଜର୍ମାନୀରେ ଗୁଇନ୍ଦା ଅଧିକାରୀ ଭାବେ ନିଯୁକ୍ତ ଥିଲାବେଳେ ବିକ୍ଷୋଭ ଆଳରେ ସେଠାରେ ଥିବା ସୋଭିଏତ ରୁଷିଆର କୂଟନୀତିକ କାର୍ଯ୍ୟାଳୟକୁ କିପରି ଧ୍ୱଂସ କରି ତଥ୍ୟ ଚୋରାଇବାକୁ ପ୍ରୟାସ ହୋଇଥିଲା ତାହା ସହ ସେ ପରିଚିତ ଥିଲେ । କାର୍ଯ୍ୟାଳୟ ଉପରେ ଆକ୍ରମଣ ହେବା ସମୟରେ ସେ ଗୋପନୀୟ ତଥ୍ୟଗୁଡିକର ଦଲିଲକୁ କିପରି ପୋଡି ନଷ୍ଟ କରିଥିଲେ ତାହା ଭୁଲିପାରିନାହାନ୍ତି । ସେତେବେଳେ ରୁଷିଆର ଶାସନରେ ଥିବା ସରକାରଙ୍କଠାରୁ ଯେପରି ସାହାଯ୍ୟ ପାଇବା କଥା ତାହା ସେ ନପାଇବା ଦ୍ୱାରା କିପରି ରୁଷିଆର କ୍ଷତି ହୋଇଥିଲା ତାହା ସେ ଲକ୍ଷ୍ୟ କରିଥିଲେ । ତେଣୁ ରୁଷିଆର ନେତୃତ୍ୱ ସବୁବେଳେ ସୁଦୃଢ , ସଶକ୍ତ ଏବଂ ବାରମ୍ବାର ପରିବର୍ତ୍ତନ ନ ହେବାକୁ ସେ ନିଜର ନୀତି ଭାବେ ଧରିଛନ୍ତି । ରୁଷିଆରେ ଗଣତନ୍ତ୍ର ଆସିଲା ପରେ ଯେପରି ଭୋଟରକୁ ପ୍ରଭାବିତ କରି ସରକାର ବଦଳିବା କଥା ତାହା ହୋଇନାହିଁ । ଏପରିକି ପୁତିନ ନିଜକୁ ସର୍ବୋଚ୍ଚ ସ୍ଥାନରେ ଅଧିକ ସଶକ୍ତ କରିଛନ୍ତି । ସାମ୍ବିଧାନିକ ପରିବର୍ତ୍ତନ ମଧ୍ୟ କରିଛନ୍ତି । ୟୁରେସିଆକୁ ଦୁର୍ବଳ କରିବାକୁ ହେଉଥିବା ଉଦ୍ୟମର ସେ ବିରୋଧ କରୁଛନ୍ତି । ଆମେରିକାର ସୋସିଆଲ ମିଡିଆରେ ପ୍ରବେଶ କରି ସେଠାକାର ସରକାରଙ୍କୁ ସନ୍ଦେହରେ ପକାଇଛନ୍ତି । ୨୦୧୮ରେ ଫକ୍ସ ନିଉଜକୁ ଦେଇଥିବା ସାକ୍ଷାତକାରରେ ପୁତିନ ଯେଉଁ ମନସ୍ତାତ୍ତ୍ୱିକ ଯୁଦ୍ଧ ଚଳାଇଥିଲେ ସେଥିରେ କେତେକାଂଶରେ ସେ ସଫଳ ହୋଇଛନ୍ତି । ୨୦୧୬ରେ ଆମେରିକା ନିର୍ବାଚନରେ ଟ୍ରମ୍ପ-ହିଲାରୀ କ୍ଲିଣ୍ଟନଙ୍କ ମଧ୍ୟରେ ଲଢେଇ ହେଉଥିବା ସମୟରେ ବର୍ଣ୍ଣିସାଣ୍ଡାର୍ସ କ୍ଲିଣ୍ଟନଙ୍କୁ ହଟାଇବା ପାଇଁ କିପରି ଷଡଯନ୍ତ୍ର କରିଥିଲେ ତାହା କହି ସେ ଆମେରିକାବାସୀଙ୍କ ମନରେ ଦ୍ୱନ୍ଦ୍ୱ ଭରି ଦେଇଥିଲେ । ଆମେରିକାର ରାଜନୀତିରେ ନୀତିବିହୀନ ନେତୃତ୍ୱର ଲଢେଇକୁ ସେ ଲୋକଲୋଚନକୁ ଆଣି ଅନେକ ସନ୍ଦେହର ଜାଲ ବୁଣିଥିଲେ । ଯାହା ଫଳରେ ଟ୍ରମ୍ପ ଏବଂ କ୍ଲିଣ୍ଟନଙ୍କ ଦଳକୁ ସମର୍ଥନ କରୁଥିବା ଭୋଟରମାନଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ କେନ୍ଦ୍ର କରି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ସେମାନେ ତଦନ୍ତ ପାଇଁ ଦାବି କରିଥିଲେ । ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଜାଲିଆତି ହେଉଥିବା କଥା ପୁତିନ ଉଠାଇ ବିଶ୍ୱବାସୀଙ୍କ ମନରେ ଆମେରିକାର ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଥିଲେ । ତେଣୁ ଆମେରିକାବାସୀଙ୍କ ମନରେ ଆମେରିକାର ବିଧି ଓ ବ୍ୟବସ୍ଥା ପ୍ରତି ସନ୍ଦେହ ସୃଷ୍ଟିକରି ଆମେରିକା କିପରି ଅନ୍ୟ ଦେଶର ଗଣତନ୍ତ୍ରର କ୍ଷତିସାଧନ କରିଆସୁଛି ତାହା ସେ ଉଲ୍ଲେଖ କରିଥିଲେ ।

କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଳାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚଲେଞ୍ଜ ଦେଇଥିଲେ । ଆଫ୍ରିକାରେ ହସ୍ତକ୍ଷେପ କରି ନାଟୋ ଦେଶଗୁଡିକୁ ହଟାଇବା ପାଇଁ ସ୍ଥାନୀୟ ରାଜନେତା ଏବଂ ସେନାର ନେତୃତ୍ୱକୁ ବୁଝାଇବାରେ ସକ୍ଷମ ହୋଇଥିଲେ । ଯେଉଁଥିପାଇଁ ଏକଦା ଶହଶହ ବର୍ଷ ଧରି ଆଫ୍ରିକାକୁ ଉପନିବେଶ କରିଥିବା ୟୁରୋପୀୟ ରାଷ୍ଟ୍ରଗୁଡିକ ପ୍ରତି ଆଫ୍ରିକାର ଜନମାନସରେ ଏବେ ପ୍ରବଳ ଘୃଣା ଭାବ ଦେଖାଦେଇଛି । ଗୋଟିକ ପରେ ଗୋଟିଏ ଦେଶରେ ନାଟୋ ସମର୍ଥିତ ଗୋଷ୍ଠୀ ଦୁର୍ବଳ ହେବାରେ ଲାଗିଛନ୍ତି । ନିକଟରେ ନାଇଜରରୁ ଫ୍ରାନ୍ସ ସେନାବାହିନୀ ନିଜ ଛାଉଣୀ ଛାଡିବାକୁ ବାଧ୍ୟ ହୋଇଛନ୍ତି । ସତୁରୀ ବର୍ଷ ଧରି ସେଠାରେ ଫ୍ରାନ୍ସର ସେନା ସ୍ଥାୟୀ ଭାବେ ରହିଆସିଥିଲେ । ବିଗତ ଦିନରେ ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଆମେରିକା-ନାଟୋ ସମର୍ଥକ ସରକାରଗୁଡିକୁ କ୍ଷମତାରୁ ହଟାଇବା ପଛରେ ପୁତିନଙ୍କ ବୁଦ୍ଧି ଯେ କାର୍ଯ୍ୟ କରିଛି ତାହା ସ୍ୱୀକାର କରିବାକୁ ହେବ । ୨୦୦୪ ପରଠାରୁ ଆଫ୍ରିକାର ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ଚୀନ ନିଜର ଆଧିପତ୍ୟକୁ ବୃଦ୍ଧିକରିବାକୁ ସକ୍ଷମ ହେଲାବେଳେ ରୁଷିଆ ସାମରିକ ଏବଂ କୂଟନୀତିକ କ୍ଷେତ୍ରରେ ଅଧିକ ସୁଦୃଢ ହୋଇଛି । ମାଇଣ୍ଡଗେମ୍‌ରେ ପୁତିନ ଆଗୁଆ ରହି ଆଫ୍ରିକାବାସୀଙ୍କୁ ୟୁରୋପ-ଆମେରିକା ବିରୋଧୀ କରି ଛିଡା କରିବାକୁ ସକ୍ଷମ ହୋଇଛନ୍ତି ।

ସମ୍ମୁଖ ଯୁଦ୍ଧରେ ରୁଷିଆ ପାଇଁ କେବଳ ପରମାଣୁ ଯୁଦ୍ଧ ବାଦ ଦେଲେ ପାରମ୍ପାରିକ ଯୁଦ୍ଧରେ ଆମେରିକାର ସମ୍ମୁଖୀନ ହେବା ସହଜ ହେବନାହିଁ, ଏକଥା ପୁତିନଙ୍କୁ ଜଣାଅଛି । ତେଣୁ ସେ ସାଇବର ସେନା ବାହିନୀକୁ ଶକ୍ତିଶାଳୀ କରି ଆମେରିକା ଓ ନାଟୋ ଗୋଷ୍ଠୀକୁ ବାରମ୍ବାର ଆକ୍ରମଣ କରି ଆସିଛନ୍ତି । ୨୦୨୦ ନିର୍ବାଚନ କାଳରେ ଆମେରିକାରେ ଟ୍ରମ୍ପ ବିଜୟୀ ହେବା ଜଣାପଡୁଥିଲା ବେଳେ ବାଇଡେନ ବିଜୟୀ ହେବା ସମସ୍ତଙ୍କୁ ଚକିତ କରିଥିଲା ଏବଂ ଆମେରିକାବାସୀ ଭୋଟରଙ୍କ ମନରେ ପୁତିନ ମାଇଣ୍ଡଗେମ୍ କ୍ଷେତ୍ରରେ ଆଗରେ ରହିବା ଜଣାପଡିଥିଲା । ପୁତିନ ନିଜେ କେଜିବିର ଜଣେ ଅଧିକାରୀ ଭାବେ ଅତୀତରେ କାର୍ଯ୍ୟ କରିଥିବା ଦୃଷ୍ଟିରୁ କ୍ଷମତାକୁ ଆସିବାପରେ ଗୁଇନ୍ଦା ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛନ୍ତି । ଆମେରିକାର ଗଣମାଧ୍ୟମ ଗୁଡିକରେ ରୁଷିଆ ସମର୍ଥିତ ଲୋକଙ୍କୁ ପ୍ରବେଶ କରାଇ ପୁତିନ ଭୟ ସଞ୍ଚାର କରିବାକୁ ସକ୍ଷମ ହୋଇଛନ୍ତି । ୟୁକ୍ରେନ ଯୁଦ୍ଧବେଳେ ଜନବସତିଗୁଡିକ ଉପରେ ଭୀଷଣ ଆକ୍ରମଣକରି ପ୍ରବଳ କ୍ଷୟକ୍ଷତି ସହ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିବାର ଭୟଙ୍କର ଫଟୋ ସବୁ ଆମେରିକାର ଗଣମାଧ୍ୟମରେ ପ୍ରକାଶ କରାଇ ଆମେରିକାବାସୀଙ୍କ ମନରେ ସେଠାକାର ସରକାରଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରିବାରେ ପୁତିନ ସକ୍ଷମ ହୋଇଥିଲେ । ଆମେରିକା ଏବଂ ୟୁରୋପର ଲୋକେ ଭୟାଳୁ ଏବଂ ରକ୍ତପାତ ଦେଖିଲେ ଛାନିଆଁ ହେବା ସମସ୍ତେ ଜାଣିଛନ୍ତି । ତେଣୁ ପୁତିନ ଯୁଦ୍ଧକାଳରେ ସେଭଳି ଦୃଶ୍ୟ ସୃଷ୍ଟିକରି ଆମେରିକାବାସୀଙ୍କ ମନରେ ଭୟ ସୃଷ୍ଟି କରିଛନ୍ତି । ସୋଭିଏତ ରୁଷିଆକୁ ଆମେରିକା ରାଜନୀତିକ ଷଡଯନ୍ତ୍ର ମାଧ୍ୟମରେ ବିଭାଜିତ କରିବାକୁ ସକ୍ଷମ ହୋଇଥିଲା ବେଳେ ପୁତିନ ସମାନ ଢଙ୍ଗରେ ଆମେରିକାକୁ ଆମେରିକାବାସୀଙ୍କ ଦ୍ୱାରା ବିଭାଜିତ କରିବାକୁ ପ୍ରୟାସ ଚଳାଇଛନ୍ତି । (ବ୍ଲାକ ଲାଇଫମ୍ୟାଟର୍ସ ଆନ୍ଦୋଳନରେ ଯେପରି ଇସଲାମିକ ଏବଂ କମ୍ୟୁନିଷ୍ଟ ଗୋଷ୍ଠୀ ଆମେରିକାରେ ତାଣ୍ଡବ ସୃଷ୍ଟି କରିଥିଲେ ତା ପଛରେ କେଜିବିର ଭୂମିକା ରହିଥିବା ସଂକ୍ରାନ୍ତରେ ବହୁଖବର ପ୍ରକାଶ ପାଇଥିଲା । ଏଥିରୁ ଆମେରିକାକୁ ଆମେରିକା ମଧ୍ୟରେ ଦୁର୍ବଳ କରିବାକୁ ପୁତିନଙ୍କ ଅପରେସନ ସକ୍ଷମ ବୋଲି କୁହାଯାଇପାରେ ।

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ । ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି । ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା । ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ । ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି । ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ । ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି । ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ୍ୟ ଧ୍ୟାନ ଦିଆଯାଏ । ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖୁବ ଉଚ୍ଚକୋଟୀର । ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ । ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି । ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି । ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ୍ୟ ଖୁବ ଉଚ୍ଚକୋଟୀର । ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ



ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି । ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ । ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି । ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି । ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ । ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ । ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି । ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି । ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି । କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି । ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ । ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ । ଚକ, ଡଷ୍ଟର, କଳାପଟ୍ଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ୍ୟ ରଖିବ ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

# ସତପାତ୍ର

॥ ନିରୂପମା ଭୂୟାଁ ॥

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ । ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ । ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ । ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ୍ୟ ସେ ସାଧୁଙ୍କୁ କହିଲେ । ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ । ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା । ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ । କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା । ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ । ସାଧୁ କହିଲେ, 'ଅପେକ୍ଷା କର, ସମୟ ହୋଇନାହିଁ ।'

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି । ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା । ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ । ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - 'ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର ।' ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ'ଣ ହୋଇପାରେ । ବିଛଣାରେ ପଡ଼ି ରହି ଥିଲେ ମଧ୍ୟ ତାଙ୍କୁ ନିଦ ଆସୁନଥାଏ । ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିକୁ ଡାକିଲେ । 'ଓ ସେଠ, ଚାହିଁଛ ନା ଶୋଇଲଣି । ଚାଲ ତୁମ କମ୍ବଳ ବାଣ୍ଟିବା ।' ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, 'ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ? ସାଧୁ କହିଲେ, 'ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ ।' ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ । ସେଠ ମଧ୍ୟ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ । ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ । କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅଦ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ । ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ । ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା । ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା । ପ୍ରକୃତରେ ସେମାନେ ଥିଲେ ସତପାତ୍ର । ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର ।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






# ସାର ଅଭାବକୁ ନେଇ ଜଳିଲା ନିଆଁ: ରାଜ ରାସ୍ତାରେ ଚାଷୀ



ଓଡ଼ଗାଁ, (ମହାଭାରତ) : ସାରର ଅଭାବୀ ବିକ୍ରି ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ଚାଲିଥିବା ବେଳେ ଓଡ଼ଗାଁ ବ୍ଲକ୍ ଗୋଡ଼ିପଡ଼ା ଠାରେ ସାର ଅଭାବକୁ ନେଇ ନିଆଁ ଜଳିଛି। ଟାୟାର ଜାଳି ଚାଷୀ ଗୋଡିପଡା ଫାଣ୍ଡି ଆଗରେ ରାସ୍ତା ଅବରୋଧ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍‌ର ବିଭିନ୍ନ ପାକ୍ସ ଓ ଲାଇସେନ୍ସପ୍ରାପ୍ତ ଡିଲର୍ରଙ୍କ ପାଖରେ ସାର ଅଭାବ ଦେଖାଦେଇଛି। ଚାଷୀ ମାନେ ବାଧ ହୋଇ ବେସରକାରୀ ଦୋକାନରୁ ସାର କିଣି ହଟହଟା ହେଉଛନ୍ତି। ୟୁରିଆ ସାର ବସ୍ତା ୨୬୭ ଟଙ୍କା ବଦଳରେ ୬ ଶହ ରୁ ୭ ଶହ ଟଙ୍କା ଦେଇ କିଣିବାକୁ ପଡୁଛି। ଚାଷୀଙ୍କ ଉପରେ ଅଯଥା ବୋଝ ପଡୁଥିବାରୁ ଚାଷୀ ମାନେ ଅନ୍ୟ କିଛି ଉପାୟ ନ ପାଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଗୋଡ଼ିପଡ଼ା ଅଞ୍ଚଳର ଚାଷୀ ପାକ୍ସ ସେକ୍ରେଟାରି ଓ ଲାଇସେନ୍ସପ୍ରାପ୍ତ ଡିଲର୍ରଙ୍କୁ ଭେଟି ବାରମ୍ବାର ଫେରିଥିଲେ କିନ୍ତୁ ସାର ନଥିବା କହି ଚାଷୀଙ୍କୁ ଫେରାଇ ଦିଆଯାଇଥିଲା। ଏମିତି ଦିନ ପରେ ଦିନ ଗଡ଼ି ଚାଲିଥିବାରୁ ଏହାର ବେଶ୍ ଫାଇଦା ଉଠାଇଥିଲେ ଅନ୍ୟ ବ୍ୟବସାୟୀ। ଆଜି ୨ ଶହରୁ ଉର୍ଦ୍ଧ ଚାଷୀ ଏକତ୍ର ହୋଇ ଗୋଡିପଡା ଫାଣ୍ଡି ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିଆଁ ଜାଳି ରାସ୍ତା ଅବରୋଧ କରି ସାର ଯୋଗାଣରେ ଅନିୟମିତତା ହେଉଥିବା କହି ନାରାବାଜୀ ଦେଇଥିଲେ। ସେତିକି ନୁହଁ ଚାଷୀ ମାନଙ୍କୁ ଦୁର୍ଦ୍ଦିନ ଭିତରକୁ ଠେଲି ଦିଆଯାଉଥିବା ବେଳେ ସାର କଳାବଜାରୀ ହେଉଥିବା ପ୍ରକାଶ କରିଥିଲେ। ସକାଳୁ ସଜାଳୁ ଏଭଳି ବିକ୍ଷୋଭ ଚାଲିଥିଲେ ମଧ ଘଟଣାସ୍ଥଳରେ କୃଷି ବିଭାଗ କିମ୍ବା ସମବାୟ ବିଭାଗର କୌଣସି ଅଧିକାରୀ ପହଞ୍ଚିନଥିଲେ। ଖବର ପାଇ ଶରଣକୁଳ ଥାନା ଅଧିକାରୀ ପରମାନନ୍ଦ ଦଳେଇ, ଗୋଡ଼ିପଡ଼ା ଫାଣ୍ଡି ଅଧିକାରୀ ହାଇଦର ଅଲ୍ଲୀ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ। ଥାନା ଅଧିକାରୀ ଚାଷୀ ମାନଙ୍କୁ ଉଚିତ ମୂଲ୍ୟରେ ସାର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୋଡ଼ିପଡ଼ା ପାକ୍ସ ଓ ଲାଇସେନ୍ସପ୍ରାପ୍ତ ଡିଲରଙ୍କ ପାଖରୁ ୩ ଶହ ଓ ବାହାର ଦୋକାନରେ ୩୫୦ ଟଙ୍କାରେ ଚାଷୀଙ୍କୁ ସାର ଯୋଗାଇ ଦେବାକୁ କହିବା ପରେ ରାସ୍ତାରୋକ ହଟିଥିଲା। ଯଦି ଚାଷୀଙ୍କୁ ଅଧିକ ଦରରେ ସାର ବିକ୍ରି ଅଭିଯୋଗ ଆସେ ତେବେ ସଂପୃକ୍ତ ଦୋକାନୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ନୟାଗଡ଼ ଜିଲ୍ଲା କୃଷକ ସଭାର ଉପସଭାପତି ପବିତ୍ର କୁମାର ଇନ୍ଦ୍ରଜିତ, ଓଡ଼ିଶା କୃଷକ ସଭା ବ୍ଲକ୍ ସଭାପତି ବେଣୁଧର ପ୍ରଧାନ, ଶରଣକୁଳର ଚାଷୀ ନେତା ନିରଞ୍ଜନ ସାହୁ, ମହିଳାନେତ୍ରୀ ଜ୍ୟୋତିପ୍ରଭା ଆଦି ପହଞ୍ଚି ଚାଷୀ ମାନଙ୍କ ସହିତ ଆଲୋଚନା କରି ଜିଲ୍ଲା କୃଷି ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ଚାଷୀଙ୍କୁ ସରକାରୀ ଦରରେ ସାର ଯୋଗାଣରେ ପ୍ରତିବନ୍ଧକ ହେଲେ ଆଗାମୀ ଦିନରେ ବଡ଼ ଧରଣର ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି କହିଥିଲେ ଆଜି ଅପରାହ୍ନରେ ୪ଶହ ବସ୍ତା ସାର ଆସି ଚାଷୀଙ୍କୁ ଦିଆଯାଉଥିବା ଜଣାପଡ଼ିଛି।

# ଜାହାଜରୁ ସମୁଦ୍ରକୁ ଖସିଲେ ଦୁଇ ନାବିକ: ଜଣେ ଉଦ୍ଧାର, ଅନ୍ୟ ଜଣେ ନିଖୋଜ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ୫ନଂ ଗେଟ୍ ନିକଟରେ ବିଓଟି (ବିଲ୍ଡ ଅପରେଟ ଟ୍ରାନ୍ସପୋର୍ଟ) ବେସିସରେ କ୍ଲିନ କାର୍ଗୋ ବର୍ଥ ପରିଚାଳନା କରି ଆସୁଥିବା ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) ବର୍ଥରେ ଶୁକ୍ରବାର ସକାଳେ ଏକ ବଡ ଧରଣ ର ଅଘଟଣ ଘଟିଛି। ପାନାମା ଜାତୀୟ ପତାକା ଲଗାଇ ପାରାଦୀପ ଆସିଥିବା ଏକ ପଣ୍ୟବାହୀ ଜାହାଜ ଏମଭି ଲକି ଡ୍ରାଗନରୁ ଏକ ଚାଇନା ନାବିକ ଝାଙ୍ଗ ତାଇ ସମୁଦ୍ର ଭିତରକୁ ଖସିପଡ଼ି ନିଖୋଜ ଅଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ସମୁଦ୍ର ଭିତରକୁ ଲମ୍ଫ ମାରିଥିବା ଆଉ ଜଣେ ବାଂଲାଦେଶୀ ନାବିକ ଗୁରୁତର ଆହତ ହୋଇଛନ୍ତି। ପିଆଇସିଟି ତରଫରୁ ତାଙ୍କୁ ଚିକିତ୍ସା ପାଇଁ କଟକ ନିଆଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଉକ୍ତ ଜାହାଜ ଏମଏସ ରଶ୍ମି ସିମେଣ୍ଟ ଲିମିଟେଡ୍ କମ୍ପାନୀର ପିଗ ଆଇରନ ବୋଝେଇ କରି ସକାଳେ ବର୍ଥ ଛାଡିବା ପାଇଁ ଝାଙ୍ଗ ତାଇ ପାଇଲଟ୍ ଲ୍ୟାଣ୍ଡି ସେଟିଂ କଲା ବେଳେ ଅସାବଧାନତା ବଶତଃ ଝାଙ୍ଗ ତାଇ ଜାହାଜ ଭିତରୁ ସମୁଦ୍ର ଭିତରକୁ ଖସି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ବାଂଲାଦେଶ ନାବିକ ପାଣିକୁ ଡେଇଁ ଚେଷ୍ଟା କରିଥିଲେ ହେଁ ତାଙ୍କୁ ଉଦ୍ଧାର କରିବାରେ ସଫଳ ହେବା ପରିବର୍ତ୍ତେ ନିଜେ ପାଣିରେ ବୁଡି ଯାଇଥିଲେ। ଜାହାଜର ଅନ୍ୟ ନାବିକ ମାନେ ଦୌଡି ଦ୍ୱାରା ତାଙ୍କୁ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ କୋଷ୍ଟଗାର୍ଡ ସମେତ ବନ୍ଦରର ମେରାଇନ ବିଭାଗ, ସିଆଇଏସଏଫ,ସ୍ଥାନୀୟ ପୋଲିସ ଆଦି ସଂସ୍ଥାର ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ଦରର ଅଧ୍ୟକ୍ଷ ପି.ଏଲ.ହରନାଦ ମଧ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ଖବର ଲେଖା ହେବା ସୁଦ୍ଧା ଜଣେ ବୁଡାଳି ସହାୟତାରେ ନିଖୋଜ ନାବିକଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରହିଛି ,ଅପର ପକ୍ଷେ ଉକ୍ତ ଜାହାଜଟି ପିଆଇସିଟି ବର୍ଥରେ ଅଟକି ରହିଛି।

# ଶିଶୁ ମନ୍ଦିରରେ ଗୁରୁଦିବସ ପାଳିତ

ଗଣିଆ, (ମହାଭାରତ): ଗଣିଆ ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ବାର ଦିନ ଗୁରୁଦିବସ ପର୍ବ ପାଳିତ ହୋଇ ଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଉଚ୍ଚବିଦ୍ୟାଳୟ ଶିକ୍ଷକ ଚରଣ ସାହୁ ଓ ସମ୍ମାନିତ ଅତିଥି ରୂପେ ପ୍ରଫୁଲ କୁମାର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥି ମାନେ ଉକ୍ତ ଦିନର ବିଶେଷତ୍ୱ ପ୍ରଦାନ କରିବା ସହିତ ପିତା, ମାତା, ଗୁରୁଜନ ଙ୍କୁ ନିଜର ଭକ୍ତି ଭାବ ପ୍ରଦର୍ଶନ କରିବା ସହିତ ସେମାନଙ୍କର ଆଶୀର୍ବାଦ ଭବିଷ୍ୟତ ଗଠନ କରିବା ଦିଗରେ ଏକାନ୍ତ ଆବଶ୍ୟକ ବୋଲି ମାର୍ଗ ଦର୍ଶନ ଦେଇଥିଲେ। ବିଦ୍ୟାଳୟର ସଭ୍ୟା ମେନକା ସୁନ୍ଦରୀ ଦେଇଙ୍କ ସଭାପତିତ୍ୱ ରେ ସଭା ପରିଚାଳିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହିତ ବରିଷ୍ଠ ଆଚାର୍ଯ୍ୟ ଶଙ୍କର୍ଷଣ ସାହୁ ଉକ୍ତ କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ। ପରିଶେଷରେ ଆଚାର୍ଯ୍ୟ ପ୍ରତିନିଧି ପ୍ରତାପ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ଉକ୍ତ କାର୍ଯ୍ୟ କ୍ରମରେ ବିଦ୍ୟାଳୟର ଅନ୍ୟ ଗୁରୁଜୀ, ଗୁରୁମା , ସମସ୍ତ ଶିଶୁ ଭାଈ/ଭଉଣୀ, ସେବକ, ସେବିକା ଓ ବାହାନ ଚାଳକ ଭାଇ ମାନେ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସେହିପରି ଗଣିଆ ବ୍ଲକର ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଧୁମ୍ ଧାମରେ ଗୁରୁଦିବସ ପାଳନ କରିବା ସହିତ ନିଜ ନିଜର ଗୁରୁଙ୍କ ଆର୍ଶୀବାଦ ନେଇଥିଲେ।



# କଳାହାଣ୍ଡି ଶିକ୍ଷ୍ୟା ବିକାଶ ପରିଷଦର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଓ ନୂଆଁଖାଇ ଭେଟ୍ ଘାଟ୍

ଜୁନାଗଡ, (ମହାଭାରତ) : କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଭାବେ ପରିଚିତ କଳାହାଣ୍ଡି ଶିକ୍ଷ୍ୟା ବିକାଶ ପରିଷଦର ୨୦୨୫- ୨୭ ବର୍ଷ ପାଇଁ ପ୍ରଫେସର୍ ଗୋପବନ୍ଧୁ ବେହେରା ସଭାପତି ଓ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ବିଶ୍ୱନାଥ କର ସମ୍ପାଦକ ରୂପେ ନିର୍ବାଚିତ ହେଲା ପରେ, ଆଜି ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟିର ସଭାଗୃହରେ କଳାହାଣ୍ଡି ଶିକ୍ଷ୍ୟା ବିକାଶ ପରିଷଦର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଓ ନୂଆଁଖାଇ ଭେଟ ଘାଟ୍ ଅନୁଷ୍ଠିତ ହୋଇଛି। ଆଜିର ବୈଠକରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ କୃଷ୍ଣବତାର ଦେଓ ସଭାପତିତ୍ୱ କରିଥିବା ବେଳେ, କମିଟି ର ସମ୍ପାଦକ ଶ୍ରୀଯୁକ୍ତ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସଂପାଦକୀୟ ବିବରଣୀ ପଠନ କରିଥିଲେ। ପରେ କମିଟିର ପୂର୍ବତନ



କର୍ମକର୍ତ୍ତା ସ୍ୱର୍ଗତ ଜଗନ୍ନାଥ ମୁଣ୍ଡ ଓ ଭାଗିରଥି ଭୋଇଙ୍କ ଆତ୍ମାର ସଦ ଗତି ପାଇଁ ଏକ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତ ବର୍ଷ ପାଇଁ କଳାହାଣ୍ଡି ଶିକ୍ଷ୍ୟା ବିକାଶ ପରିଷଦ ଦ୍ୱାରା କଳାହାଣ୍ଡି ଜିଲ୍ଲାରେ ଶିକ୍ଷା ତଥା ସାମଗ୍ରିକ ବିକାଶ ପାଇଁ ଅନେକ ଗୁଡ଼ିଏ ପ୍ରସ୍ତାବ ଆଗତ ହୋଇ ପାରିତ ହେଲା। ସେଥି ମଧରୁ କଳାହାଣ୍ଡି ଜିଲ୍ଲାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ, କଳାହାଣ୍ଡି ଜିଲ୍ଲାରେ ଅକାମୀ ହୋଇ ପଡିଥିବା ଚିନି କାରଖାନାର ପୁନରୁଦ୍ଧାର କରିବା, ଜିଲ୍ଲାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଖାଲି ପଡ଼ିଥିବା ଶିକ୍ଷକ ଓ ଅଧ୍ୟାପକ ପଦବୀ ପୂରଣ, ୩ୟ ଓ ୪ର୍ଥ ବର୍ଗର କର୍ମଚାରୀ ନିଯୋଜନ କୁ ଜିଲ୍ଲଭିତ୍ତିକ କରିବା, ଭବାନୀପାଟଣା ଠାରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷା କେନ୍ଦ୍ର କରିବା, ପ୍ରଭୃତୀ ଦାବୀ ପାରିତ ହୋଇ ଏହାର ତ୍ୱରିତ ସମାଧାନ ପାଇଁ ଆସନ୍ତା ଦିନରେ କଳାହାଣ୍ଡି ଶିକ୍ଷ୍ୟା ବିକାଶ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ଙ୍କୁ ଭେଟି ଦାବୀ ପୂରଣ ପାଇଁ ଲିଖିତ ଭାବେ ଜଣାଇବାକୁ ନିଷ୍ପତ୍ତି ନିଆଗଲା। ଉକ୍ତ ସଭାରେ ଅର୍ଥ କମିଟିର କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ମାହେଶ୍ୱରୀ ଦାସ, ପ୍ରଫେସର୍ ରଜନୀକାନ୍ତ ବେହେରା, ଲଳିତ କିଶୋର ପଣ୍ଡା, ଯଶୋବନ୍ତ ବେହେରା, ସବିତା ପଟ୍ଟନାୟକ, ସବିତା ଦାସ, ପ୍ରେମାନନ୍ଦ ବାଗ, ଯୋଗେଶ ଚନ୍ଦ୍ର ଦୋରା, ଭାରତ ଭୁଷଣ ଚଲାନ, ପଦ୍ମ କିଶୋର ପୁଝାରୀ, ବ୍ରଜେନ୍ଦ୍ର ପଟଯୋଷି, ବୈଦ୍ୟନାଥ ମିଶ୍ର, ପ୍ରାଣ କିଶୋର ପଣ୍ଡା ପ୍ରଭୃତି ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପରିଶେଷରେ ଉପ ସଭାପତି ଶ୍ରୀଯୁକ୍ତ ସିମାଞ୍ଚଳ ନାଗ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଏହି ଶିକ୍ଷ୍ୟା ବିକାଶ ପରିଷଦର ପ୍ରଚେଷ୍ଟା ରେ ବିଗତ ଦିନରେ ଜିଲ୍ଲାରେ ଅନେକ ଗୁଡ଼ିଏ ଶିକ୍ଷ୍ୟା ସଂସ୍ଥା ଓ ଭେଷଜ ମହାବିଦ୍ୟାଳୟ ସ୍ଥାପନ ହେବାରେ ପ୍ରମୁଖ ଭୂମିକା ରହିଛି।

# ସ୍ୱର୍ଗତ କୃଷ୍ଣଚନ୍ଦ୍ର ଭୂୟାଁଙ୍କ ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳି ସଭା



ବାରଙ୍ଗ (ମହାଭାରତ): ବାରଙ୍ଗ ବ୍ଲକ କୁରାଙ୍ଗ ପ୍ରଧାନ ପଞ୍ଚାୟତ ଅନ୍ତର୍ଗତ କୁରୁଣ୍ଟି ଗ୍ରାମର ସ୍ନେହୀ, ବନ୍ଧୁବତ୍ସଳ, ପରୋପକାରୀ ଧର୍ମପରାୟଣ ବ୍ୟକ୍ତି ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ଭୂୟାଁଙ୍କ ଚତୁର୍ଦ୍ଦଶ ଦିବସରେ ଏକ ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳି ସଭା ଗତକାଲି କୁରୁଣ୍ଟି ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ଭୂୟାଁ ଥିଲେ ସ୍ୱର୍ଗତ ସୋମନାଥ ଭୂୟାଁଙ୍କ ସାନ ଭାଇ। ୧୯୯୮ ମସିହାରେ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ଭୂୟାଁ ବେଲପାହଡରେ ଥିବା ଟାଟା କମ୍ପାନୀ ଚାକିରିରୁ ଅବସର ନେବାପରେ ନିଜ ବାସସ୍ଥାନ କୁରୁଣ୍ଟିରେ ଆସି ରହୁଥିଲେ। ଏହି ସ୍ମୃତି ଚାରଣ ସଭାକୁ ତାଙ୍କ ପୁତୁରା ସ୍ୱର୍ଗତ ସୋମନାଥ ଭୂୟାଁଙ୍କ ବଡ଼ପୁଅ ଗୋବିନ୍ଦ ପ୍ରସାଦ ଭୂୟାଁ ସଭାପତିତ୍ୱ କରିଥିବାବେଳେ କୁରୁଣ୍ଟି ଗ୍ରାମର ତଥା ଗୋବିନ୍ଦପୁର ନୂଆଗାଁର ରାଧାମାଧବ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ମହାପାତ୍ର ସଭାକୁ ପରିଚାଳନା କରିଥିଲେ। ଏହି ସ୍ମୃତି ସଭାରେ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ଭୂୟାଁ ଜଣେ ନିର୍ଭିକ ,ସାହସୀ, ପରୋପକାରୀ ଓ ଗ୍ରାମର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟରେ ତାଙ୍କର ସହଯୋଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା କଥା ବିଶିପଦା ସହିଦ ସ୍ମୃତି ବିଦ୍ୟାପୀଠ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ଦାସ ଓ ଆଇନଜୀବୀ କବି ନାରାୟଣ ଜେନା ତାଙ୍କ ଉଦ୍ ବୋଧନରେ ବର୍ଣ୍ଣନା କରିଥିଲେ। ଏହି ସ୍ମୃତି ଚାରଣ ସଭାରେ ଜଗତସିଂହପୁର ନିର୍ବାଚନ କ୍ଷେତ୍ରର ମାନ୍ୟବର ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, କୁରାଙ୍ଗ ପ୍ରଧାନ ପଞ୍ଚାୟତର ୱାର୍ଡ ସଭ୍ୟ ଶ୍ରୀଧର ସାହୁ, ନିରୋଧ କୁମାର ଜେନା, ପ୍ରଭାତ ଭୋଇ, ସୁବାସ ଚନ୍ଦ୍ର ବେହେରା, ଦାମୋଦର ସାହୁ, ଜ୍ୟୋତି ପ୍ରକାଶ ବିଶ୍ୱାଳ ଓ ବିଦ୍ୟାଧର ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ଭୂୟାଁଙ୍କ ଫଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ଭୂୟାଁଙ୍କ ପୁଅ ସୁନିଲ କୁମାର ଭୂୟାଁ(ଟିକି), ପୁତ୍ରବଧୂ, ନାତି, ଝିଅ ଓ ଝିଅ ଜ୍ୱାଇଁ ସମେତ ଏହି ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରହି ସହଯୋଗ କରିଥିଲେ।

# କୋଶଲ ରାଜ୍ୟ ମୁକ୍ତି ମୋର୍ଚ୍ଚାର ନୂଆଁଖାଇ ଭେଟଘାଟ ସହ ଉପଖଣ୍ଡ କମିଟି ଗଠନ

ପାଟଣାଗଡ଼, (ମହାଭାରତ): ପାଟଣାଗଡ଼ ସ୍ଥାନୀୟ ଆଦିବାସୀ ଭବନ ବ୍ରହ୍ମପୁରା ଠାରେ କୋଶଲ ରାଜ୍ୟ ମୁକ୍ତି ମୋର୍ଚ୍ଚାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହେବା ସହ ଉପଖଣ୍ଡ କମିଟି ଗଠନ କରାଯାଇଥିଲା। କୋଶଲ ସଂଗ୍ରାମୀ ଜଗନ ମେହେରଙ୍କ ପରିଚାଳନାରେ ନୂଆଁଖାଇ ଭେଟଘାଟ ସଭାରେ ଡ଼ ଜନସନ ନାଗ ସଭାପତିତ୍ୱ କରିଥିଲେ। ସଭାରେ ସମସ୍ତଙ୍କୁ ସ୍ୱାଗତ ପରେ ନୂଆଁଖାଇ ଭେଟଘାଟ ଏବଂ ସଭାର ଲକ୍ଷ୍ୟ ଉଦେଶ୍ୟ ସହ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟ ଯଥା – ପ୍ରତ୍ୟେକ ପଞ୍ଚାୟତ କମିଟି ପୁନଃ ଗଠନ, ଗାଁ ଓ ପଞ୍ଚାୟତ ମାନଙ୍କର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସର୍ଭେ, ପଥପ୍ରାନ୍ତ ସଭା ଆୟୋଜନ, ବେଲପଡା ଓ ଲାଠୋରକୁ ଏନ ଏ ସି ମାନ୍ୟତା,ଧୂମାଭଟା, ଘସିଏନ, ଯୋଗିମୁଣ୍ଡା, ଜୁରିଆକୁ ବ୍ଲକ ମାନ୍ୟତା ଦାବୀକୁ ଜୋରଦାର କରାଯିବ, ପାଟଣାଗଡ଼କୁ ଜିଲ୍ଲା ଘୋଷଣା ଦାବୀକୁ ତ୍ୱରାନ୍ୱିତ କରାଯିବା ବିଷୟରେ ବିଷଦ ଭାବେ ଆଲୋଚନା ହୋଇଥିଲା। କୋଶଲାଞ୍ଚଳ ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୁତ୍ରିମ ଅବହେଳା କୁ ନିନ୍ଦା କରାଯାଇଥିଲା। କୋଶଲାଞ୍ଚଳ ପ୍ରତି ଉଭୟ ସରକାରଙ୍କ ବୈମାତୃକ ମନୋଭାବ ଭାରି ପଡ଼ିବ ବୋଲି ନେତାମାନେ ଗର୍ଜି ଥିଲେ। ଆଗାମୀ ଦିନର ରୂପରେଖ ପ୍ରସ୍ତୁତ କରି ଉପଖଣ୍ଡ, ତିନିଟି ବ୍ଲକ ଓ ଏନ ଏ ସି କମିଟି ଗଠନ କରାଯାଇଥିଲା। ପାଟଣାଗଡ଼ ଉପଖଣ୍ଡ କମିଟିରେ ସଭାପତି ଭାବେ ଗିରିରାଜ ଭୋଇ, ଉପସଭାପତି ଭାବେ ବନମାଳୀ ନାଏକ, ସମ୍ପାଦକ ଭାବେ ଜଗନ ମେହେର, ସହ ସମ୍ପାଦକ ଭାବେ ଜିତୁ ନାଏକ,କୋଷାଧକ୍ଷ ଭାବେ ସନତ ଭୋଇ, ଉପଦେଷ୍ଟା କମିଟିରେ ସୁଶୀଲ ଗୁରୁ, ଜନାର୍ଦ୍ଦନ ସିଂ,ସୁବାଷ ଆଚାର୍ଯ୍ୟ,ପ୍ରକାଶ ସାହୁ, ପ୍ରବକ୍ତା ଭାବେ ଡ଼ ଜନସନ ନାଗ, ସାଂସ୍କୃତିକ କମିଟିରେ ମନୋଜ ବାଗ, ଭାଷା ସାହିତ୍ୟ ସୁରକ୍ଷା କମିଟିରେ କ୍ଷୀରୋଦ୍ର ସାହୁ, କୋଶଲି ବୈଦ୍ୟ ଚିକିତ୍ସା କମିଟିରେ ଶାନ୍ତନୁ ବୁଦ୍ଧିଆ, ପାଟଣାଗଡ଼ ବ୍ଲକ କମିଟିରେ ସଭାପତି ଆଲୋକ ବୁଡ଼େକ, ଉପସଭାପତି ଝସକେତନ ରାଏ, ସମ୍ପାଦକ ସୁରେଶ ପୁଟେଲ, ସହ ସମ୍ପାଦକ ରାଜେନ୍ଦ୍ର ବନଛୋର, କୋଷାଧକ୍ଷ ପୁସ୍ତମ ପଧାନ, ସଂଯୋଜକ ରଞ୍ଜିତ ସାହୁ, ଖପ୍ରାଖୋଲ ବ୍ଲକ କମିଟିରେ ସଭାପତି ଭାବେ ଅଭିଳାଷ ଭୋଇ, ଉପସଭାପତି ଭାବେ ସନ୍ତୋଷ ପଧାନ, ସମ୍ପାଦକ ଭାବେ ଶଶୀକାନ୍ତ ଧରୁଆ, ସହ ସମ୍ପାଦକ ଭାବେ ଡିସେମ୍ବର ସାହୁ, କୋଷାଧକ୍ଷ ଭାବେ ସୁବାଷ ଧରୁଆ, ବେଲପଡା ବ୍ଲକ କମିଟିରେ ସଭାପତି ଭାବେ ଦେବାନନ୍ଦ ବୁଡ଼େକ, ଉପସଭାପତି ରବୀନ୍ଦ୍ର ଥପା, ସମ୍ପାଦକ ତୋଷବନ୍ଧୁ ବୁଡ଼େକ ବୁଡ଼େକ, ସହ ସମ୍ପାଦକ ରାମଚନ୍ଦ୍ର ପଧାନ, କୋଷାଧକ୍ଷ ବିଷୟ ବୁଡ଼େକ, ସୋସିଆଲ ମିଡ଼ିଆ ସଂଯୋଜକ ଡୋଲାମଣୀ ଯାଦବ, ପାଟଣାଗଡ଼ ଏନ ଏ ସି ପାଇଁ ସଭାପତି ପିଣ୍ଟୁ ସେନ୍ଦରିଆ, ସମ୍ପାଦକ ଉଦିତ ଗୁର୍ଲା, ସହ ସମ୍ପାଦକ ରବୀନ୍ଦ୍ର ଥନାପତିଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଗଲା। ଆଜିର ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ମଦନ ମାଝୀ, ଭାବ ବରିହା, ହୃଷିକେଶ ଭୋଇ, ଚୂଡ଼ାମଣି ଧରୁଆ, ଗଜାନନ ବାଗ ଙ୍କ ସହିତ ଶତାଧିକ କୋଶଲ ସଂଗ୍ରାମୀ ଉପସ୍ଥିତ ଥିଲେ। ବବଲୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଅସହାୟ ପରିବାରକୁ ସହାୟତା କଲା ମହେଶ କର ଫାଉଣ୍ଡେସନ

ଗରଦପୁର, (ମହାଭାରତ) : ଜଣେ ୮୦ ବର୍ଷୀୟା ବୃଦ୍ଧା ଦୀର୍ଘଦିନ ଧରି ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ବୃଦ୍ଧା ଙ୍କ ବ୍ୟତୀତ ଆଉ କେହି ନିଜର ନଥିବା କାରଣରୁ ଭାଙ୍ଗି ପଡିଛନ୍ତି। ଖବର ପାଇ ସହାୟତା ଯୋଗାଇଛି କେନ୍ଦ୍ରାପଡା ଜିଲ୍ଲାର ମହେଶ କର ଫାଉଣ୍ଡେସନ। ଗରଦପୁର ବ୍ଲକ ଅଧୀନ ସାନଅଢ଼ଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୋରୁଆ ଗ୍ରାମର ୮୦ ବର୍ଷୀୟା ବୃଦ୍ଧା ସୁଭଦ୍ରା ଦାସଙ୍କର ଚାଳ ଛପର ଘର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ବୃଦ୍ଧା ସୁଭଦ୍ରା ଜଣେ ଅସହାହ ମହିଳା। ତାଙ୍କର କୌଣସି ଆତ୍ମୀୟ ନାହାନ୍ତି। ଘର ଭାଙ୍ଗିଯିବା ପରେ ସେ ଏବେ ବେସାହାରା ହୋଇ ପଡିଛନ୍ତି। ପ୍ରଶାସନ ତରଫରୁ ତରଫରୁ କୌଣସି ସହାୟତା ମିଳିନଥିବା ବେଳେ ଆଜି ପବିତ୍ର ଗୁରୁଦିବସ ଅବସରରେ କେନ୍ଦ୍ରାପଡ଼ାର ମହେଶ କର ଫାଉଣ୍ଡେସନ ପକ୍ଷରୁ ଏହାର ପ୍ରତିଷ୍ଠାତା ହିମାଂଶୁ ଭୁଷଣ କର(ହାପି)ଙ୍କ ଅନୁରୋଧ କ୍ରମେ ତାଙ୍କ ଦ୍ୱାରା ଆର୍ଥିକ ସହାୟତା ସହ ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ପଲିଥିନ ପରିବାରକୁ ଫାଉଣ୍ଡେସନ ସଦସ୍ୟ ଯୋଗାଇ ଦେଇଛନ୍ତି। ଆଜିର ଏହି କାଯ୍ୟକ୍ରମରେ ଜିଲ୍ଲା ପ୍ରତିଭା ପୂଜା ସମ୍ମାନ ସଭାପତି ପ୍ରଦୀପ ମହାନ୍ତି, ସମାଜସେବୀ ଶ୍ରୀକାନ୍ତ ନାୟକ, ତପନ କୁମାର ନାୟକ ପ୍ରମୁଖ ବୃଦ୍ଧା ଙ୍କ ପାଖରେ ପହଞ୍ଚି ସହାୟତା ଯୋଗାଇଦେବା ସହିତ ତୁରନ୍ତ ପ୍ରଶାସନ ସରକାରୀ ସହାୟତା ଯୋଗାଇଦେବା ଲାଗି ଦାବି କରିଛନ୍ତି।



# ପାରାଦୀପ ବନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ପାରାଦୀପ, (ମହାଭାରତ) : ଜାତୀୟ ଚକ୍ଷୁ ଦାନ ପକ୍ଷ ୨୦୨୫ ଅବସରରେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ବନ୍ଦର ସ୍ୱାସ୍ଥ୍ୟ ସଙ୍ଗଠନ (ପିଏଚଓ), ପାରାଦୀପ ଓ କଟକ ନୂଆବଜାର ପୋତାପୋଖରୀ ସ୍ଥିତ ମିଶ୍ର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ସେପଟେମ୍ବର ୪ ତାରିଖ ଗୁରୁବାର ଦିନ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚକ୍ଷୁ ସ୍ୱାସ୍ଥ୍ୟ ସଚେତନତା, ପ୍ରାରମ୍ଭିକ ଚିହ୍ନଟ ଓ ଚକ୍ଷୁ ଦାନର ମହତ୍ତ୍ୱକୁ ଆଧାରଣରେ ପ୍ରସାର କରିବା। ଏହି ନିଶୁଳ୍କ ଚକ୍ଷୁ ଶିବିରଟି ପାରାଦୀପର ନେହରୁ ବଙ୍ଗଳା କଲୋନୀ ସ୍ଥିତ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଦିବା ୯.୦୦ ଘଟିକା ଠାରୁ ଦିବା ୧ ଘଟିକା ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୩୦ ରୁ ୫୦ ଜଣ ସ୍ଥାନୀୟ ନିବାସୀ ଅଂଶଗ୍ରହଣ କରିଥିଲେ। ଏହି ଶିବିରରେ ଚକ୍ଷୁ ପରୀକ୍ଷା, ଦୃଷ୍ଟି ପରୀକ୍ଷା, ମୋତିଆବିନ୍ଦୁ ଅସ୍ତ୍ରୋପଚାର, ଡାଇବେଟିକ ରେଟିନୋପାଥି, କଣ୍ଟାକ୍ଟ ଲେନ୍ସ ସୁବିଧା, ବିଭିନ୍ନ ପ୍ରକାର ଚକ୍ଷୁ ରୋଗର ନିରାକରଣ ଇତ୍ୟାଦି କରାଯାଇଥିଲା। ତେବେ ଏହି ଶିବିରର ସଫଳତା ପାଇଁ ବନ୍ଦର ସ୍ୱାସ୍ଥ୍ୟ ସଙ୍ଗଠନ ମିଶ୍ର ଚକ୍ଷୁ ଚିକିତ୍ସାଳୟ ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀମାନଙ୍କ ସମର୍ପିତ ସେବା ଓ ସକ୍ରିୟ ଅଂଶଗ୍ରହଣ ପାଇଁ କୃତଜ୍ଞତା ପ୍ରକାଶ କରିଛି।




# ଲଗାଣ ବର୍ଷା କରି ଚାଲିଗଲା ଅନେକ କ୍ଷୟକ୍ଷତି



ଦାନଗଦି / କଳିଙ୍ଗନଗର, (ମହାଭାରତ): ବୁଧବାର ହୋଇଥିବା ବର୍ଷା ଧନଜୀବନ ହାନି ଘଟାଇବା ସହ ଜନସାଧାରଣ ଙ୍କୁ ପ୍ରଭାବିତ କରିଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ବିଜୁ ପଟ୍ଟନାୟକ ମାର୍ଗରେ ଗମନାଗମନ ମୁଖ୍ୟ ରାସ୍ତା ଉପରେ ଦୁଇଫୁଟ ଉଚ୍ଚର ପାଣି ଜମିରହିଥିବାବେଳେ ବୋହୂ ବାଧା ବିଘ୍ନ ଅପ୍ରୀତିକର ସୃଷ୍ଟିହୋଇ ଗମନା ଗମନ ବୋହୂ ବିପର୍ଜୟ ହୋଇପଡିଛି। କଳିଙ୍ଗ ନଗର ସାରଙ୍ଗପୁର ଗ୍ରାମରେ ନୀଳାଚଳ କାରଖାନା ର କୋଇଲା ପାଣି ଭାଷ ମାନ ଅବସ୍ଥାରେ ଗ୍ରାମକୁ ପ୍ରବେଶ କରିବାଫଳରେ କୂଅ ପୋଖରୀ ଚାଷଜମି କ୍ଷୟ ଖ୍ୟାତି ଘଟାଇ ପାଣି ପିଇବା ଉପଯୋଗୀ ହୋଇପାରୁନତିବା ଗ୍ରାମବାସୀ ମାନେ ଭଙ୍ଗିପଡ଼ିଥିବା ଦେଖିବାସହ ଘରଭିତରେ କୋଇଲା ପାଣି ଦୂର୍ଗନ୍ଧମୟ କରୁଛି। ଯାଖପୁରା ହନୁମାନ ମନ୍ଦିର ପ୍ରୟନ୍ତ ରାସ୍ତା ସହ ଦାନଗଦି ବଜାର ରେ ବଡ଼ ବଡ଼ ଗର୍ତ୍ତଉପରେ ବର୍ଷା ଜଳ ଜମି ରହୁଥିବା ଯାନବାହାନ ସମସ୍ୟା ହେଉଛି। ସେହିପରି ମିଲିଟାରୀ ଛକ ନିକଟରେ ମଧ ବର୍ଷା ଜଳ ମୁଖ୍ୟ ରାସ୍ତା ଜଳାଶୟରେ ଯାନବାହାନ ଚଳା ଚଳ ଉପରେ ବୋହୂ ପ୍ରଭାବ ପକାଇଛି। ଶାଳିଜଙ୍ଗା ପଞ୍ଚାୟତ ରାସ୍ତାରେ ଥିବା ରେଳବାଇ ଅଣ୍ଡର ପାସ୍ ବର୍ଷା ଜଳରେ ଭରି ଯାଇଥିବାରୁ ରାସ୍ତାରେ ଯାତାୟାତ ବନ୍ଦ କରାଯାଇଥିବାବେଳେ ବୋହୂ ଘର ଭାଙ୍ଗି କାନ୍ଥ ଖସି ବୋହୂ ଧନଜୀବନ କ୍ଷୟ କ୍ଷତି ଘଟିଛି।

# ଜ୍ହିଲ୍ଲା ସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ





ଦେବଗଡ, (ମହାଭାରତ) : ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଓଡିଶା ସରକାର ଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ଼ ଜ୍ହିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ଠାରେ ଜ୍ହିଲ୍ଲା ସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ଉତ୍ସବର ସଭାରେ ସଭାପତି ଜ୍ହିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜ୍ହିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନ ବିଦ୍ୟାଳୟ ସ୍ତରରେ ଗୁରୁ ଶିଷ୍ୟ ପରମ୍ପରା ଦିନକୁ ଦିନ କମିବାରେ ଲାଗିଛି ଯାହା ଫଳରେ ତାହା ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷା କ୍ଷେତ୍ରରେ ପ୍ରଭାବିତ ହେଉଅଛି ଆଗାମୀ ଦିନରେ ଏହା ପ୍ରତି ସୁଧାର ଆଣିବା ସହ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଗଢି ତୋଳିବାରେ ସହାୟକ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଅନ୍ୟତମ ସଂମ୍ମାନିତ ଅତିଥି ଭାବେ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରତିଜ କୁମାର ଭୋଜ, ଜ୍ହିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ଅତିରିକ୍ତ ଜ୍ହିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ପ୍ରମୁଖ ମଞ୍ଚାସିନ ଥିଲେ। ସଭା ପ୍ରାରମ୍ଭ ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଅତିରିକ୍ତ ଜ୍ହିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜ୍ହିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସମ୍ପର୍କ ରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜ୍ହିଲ୍ଲା ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ମନୋନୀତ ହୋଇଥିବା ୭ ଜଣ ବିଷୟ ଭିତ୍ତିକ ମାଧ୍ୟମିକ ଶିକ୍ଷକ ଯଥା ପ୍ରଥମ ଭାଷା ଓଡ଼ିଆରେ ନମିତା ମାଝୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼,ଇଂରାଜୀରେ ନିର୍ମଳ ରଣା ନାଉଲିପଡା ଉଚ୍ଚ ବିଦ୍ୟାଳୟ, ତୃତୀୟ ଭାଷା ହିନ୍ଦୀରେ ସଦାନନ୍ଦ ମହାନ୍ତ ଟାଉନ ଉଚ୍ଚ ବିଦ୍ୟାଳୟ ଦେବଗଡ଼, ଗଣିତରେ ପ୍ରଦୀପ କୁମାର ବିଶ୍ୱାଳ ଧୋବାଲିପଥର ଉଚ୍ଚ ବିଦ୍ୟାଳୟ. ବିଜ୍ଞାନରେ ସଞ୍ଜୟ କୁମାର ପ୍ରଧାନ ତାରଙ୍ଗ ଉଚ୍ଚ ବିଦ୍ୟାଳୟ, ସାମାଜିକ ବିଜ୍ଞାନରେ ପ୍ରଶାନ୍ତ କୁମାର ସାହୁ ନାଉଲିପଡା ଉଚ୍ଚ ବିଦ୍ୟାଳୟ , ଶାରୀରିକ ଶିକ୍ଷାରେ ରଞ୍ଜିତା ମିଶ୍ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼,୩ ଜଣ ପ୍ରାଥମିକ ଶିକ୍ଷକ କାଦମ୍ବିନୀ ମିଶ୍ର ତିଳେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭାସ୍କର ବିଶ୍ୱାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବସାଲଇ, ଉଦୟନାଥ ବେହେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଉଁଳି ଓ ଜଣେ ଆଞ୍ଚଳିକ ସାଧନ ସଂଯୋଜକ ଟାଇଁସର ଭେନସ କୁମାର ପ୍ରଧାନଙ୍କୁ ଜ୍ହିଲ୍ଲା ଶିକ୍ଷା ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ କୁ ସୁଗୁଡା ସି. ଆର. ସି. ସି. ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିବା ଡଂରା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ମାଧବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜ୍ହିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଝସକେତନ ସାହୁ, ଗୌରଚରଣ ସାହୁ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳି ଲାକ୍ରା, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ପୌରାଞ୍ଚଳ ସି. ଆର. ସି. ସି. ଚୂଡ଼ାମଣି ସାହୁଙ୍କ ସମେତ ଜ୍ହିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମସ୍ତ କର୍ମଚାରୀ, ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସକ୍ରିୟ ସହଯୋଗ କରିଥିଲେ।

## ମୌସୁମୀ ପ୍ରଭାବ: ସପ୍ତାହରେ ସ୍ୱାଭାବିକ ଠାରୁ ୪୮% ଅଧିକ ବର୍ଷା



ନୂଆଦିଲ୍ଲୀ : ଭାରତୀୟ ପାଣିପାଗ ବିଭାଗ ଜାରି କରିଥିବା ତଥ୍ୟରୁ ଜଣାପଡ଼ିଛି ଯେ ଗତ ସପ୍ତାହରେ ସମଗ୍ର ଦେଶରେ ସ୍ୱାଭାବିକ ଠାରୁ ୪୮% ଅଧିକ ବର୍ଷା ରେକର୍ଡ କରାଯାଇଛି। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୩ ମଧ୍ୟରେ ମୌସୁମୀ ପ୍ରବଳ ବର୍ଷିଥିବା ଭାରତୀୟ ପାଣିପାଗ ବିଭାଗ କହିଛି। ଦକ୍ଷିଣ ପଶ୍ଚିମ ମୌସୁମୀ ଯୋଗୁ ଜାରି ରହିଥିବା ବର୍ଷା ଏବେ ଦେଶର ଅଧିକାଂଶ ରାଜ୍ୟରେ ବନ୍ୟା ଭଳି ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ବିଶେଷ କରି ଦିଲ୍ଲୀ ଓ ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ବନ୍ୟା ସ୍ଥିତି ଜଟିଳ ହୋଇଛି। ଏବେ ବି ଲଗାଣ ବର୍ଷା ଜାରି ରହିଥିବାରୁ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବାର ଆଶଙ୍କା ପ୍ରକାଶ ପାଇଛି। ଦେଶର ପ୍ରାୟ ସବୁ ବଡ଼ ନଦୀରେ ଜଳସ୍ତର ବିପଦ ସଙ୍କେତ ପାର କରି ସାରିଲାଣି। ଏପରି ସ୍ଥିତି ସୃଷ୍ଟି ହେବାର କାରଣ ସ୍ୱାଭାବିକ ଠାରୁ ଅଧିକ ବର୍ଷା। ଭାରତୀୟ ପାଣିପାଗ ବିଭାଗ ଜାରି କରିଥିବା ତଥ୍ୟରୁ ଜଣାପଡ଼ିଛି ଯେ ଗତ ସପ୍ତାହରେ ସମଗ୍ର ଦେଶରେ ସ୍ୱାଭାବିକ ଠାରୁ ୪୮% ଅଧିକ ବର୍ଷା ରେକର୍ଡ କରାଯାଇଛି। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୩ ମଧ୍ୟରେ ମୌସୁମୀ ପ୍ରବଳ ବର୍ଷିଥିବା ଭାରତୀୟ ପାଣିପାଗ ବିଭାଗ କହିଛି। ବିଭାଗର ସୂଚନା ଅନୁସାରେ, ଗତ ସପ୍ତାହରେ ଦେଶରେ ୭୫.୨ ମିମି ବର୍ଷା ରେକର୍ଡ କରାଯାଇଛି। ଏହି ସମୟରେ ସାଧାରଣତଃ ୪୯ ମିମି ବର୍ଷା ହେବା କଥା। କିନ୍ତୁ ଚଳିତ ଥର ବ୍ୟତିକ୍ରମ ଦେଖାଦେଇଛି ଓ ସ୍ୱାଭାବିକ ଠାରୁ ୪୮% ଅଧିକ ବର୍ଷା ହୋଇଛି। ଏହାବାଦ ଜୁନ ୧ରୁ ସେପ୍ଟେମ୍ବର ୩ ମଧ୍ୟରେ ଦେଶରେ ୭୮୦.୮ ମିମି ବର୍ଷା ହୋଇଛି। ସାଧାରଣତଃ ଏହି ସମୟରେ ୭୨୧.୧ ମିମି ବର୍ଷା ରେକର୍ଡ ହେବା କଥା। ଅର୍ଥାତ ଏହି ସମୟସୀମା ମଧ୍ୟରେ ୮% ଅଧିକ ବର୍ଷା ରେକର୍ଡ କରାଯାଇଛି। ଦେଶରେ ଅଧିକ ବର୍ଷା ହେବାର କାରଣ ହେଉଛି ମୌସୁମୀ ଟ୍ରଫ ଲାଇନ ତା'ର ସ୍ୱାଭାବିକ ସ୍ଥାନରୁ ଦକ୍ଷିଣରେ ଅଛି ଓ ବାୟୁମଣ୍ଡଳର ନିମ୍ନ ଅଂଶକୁ ଲମ୍ବିଛି। ତେଣୁ ଏହା ସକ୍ରିୟ ମୌସୁମୀର ସଙ୍କେତ। ଟ୍ରଫ ଲାଇନ ସାଧାରଣତଃ ଉତ୍ତରପୂର୍ବ ଆରବ ସାଗରରୁ ଉତ୍ତରପଶ୍ଚିମ ବଙ୍ଗପୋସାଗର ଯାଏ ବାୟୁମଣ୍ଡଳର ନିମ୍ନ ଓ ମଧ୍ୟ ଭାଗ ଦେଇ ଗତି କରିଥାଏ ବୋଲି ଆଇଏମଡି କହିଛି। ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ପଞ୍ଜାବ ଓ ହରିୟାଣାରେ ଲଗାଣ ବର୍ଷା ଯୋଗୁ ୩୦୦ରୁ ଅଧିକ ଲୋକଙ୍କ ଜୀବନ ନେଇ ସାରିଲାଣି। ଭୂସ୍ଖଳନ ଓ ଅଚାନକ ବନ୍ୟା ଶତାଧିକ ଗାଁକୁ ବୁଡ଼ାଇ ଦେଇଛି । ଜାତୀୟ ରାଜପଥରେ ଯାତାୟାତ ମଧ୍ୟ ବନ୍ଦ ହୋଇଯାଇଛି। ଲଗାଣ ବର୍ଷା ପରେ ଆସିଥିବା ବନ୍ୟା ହଜାର ହଜାର କୋଟିର ଫସଲକୁ ଉଜାଡ଼ି ଦେଇଛି। ଲୋକମାନେ ହାହାକାର ସ୍ଥିତିରେ ରହିଛନ୍ତି। ପଞ୍ଜାବ ଗୋଟିଏ ଦଶନ୍ଧି ମଧ୍ୟରେ ବନ୍ୟାର ସବୁଠାରୁ ଭୟଙ୍କର ରୂପକୁ ସାମ୍ନା କରିଛି। ଏଠାରେ ବନ୍ୟା ଯୋଗୁ ୪୩ ଜଣଙ୍କ ଜୀବନ ଯାଇଥିବା ବେଳେ ୧.୭୧ ଲକ୍ଷ ହେକ୍ଟର ଚାଷ ଜମି ନଷ୍ଟ ହୋଇଯାଇଛି। ୨୩ଟି ଜିଲ୍ଲାର ୧୯୦୨ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ୩.୮୪ ଲୋକ ଜଳବନ୍ଦୀ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଆଗାମୀ ୩ ଦିନ ଯାଏ ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ଲଗାଣ ବର୍ଷାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ସେହିପରି ୮ ତାରିଖ ଯାଏ ଉତ୍ତରାଖଣ୍ଡ ଓ ରାଜସ୍ଥାନର କିଛି ସ୍ଥାନରେ ପ୍ରବଳ ବର୍ଷାର ଆଶଙ୍କା ରହିଛି।

## କଥାବାର୍ତ୍ତା ପାଇଁ ଜେଲେନସ୍କିଙ୍କୁ ମସ୍କୋ ଆସିବାକୁ ପୁଟିନଙ୍କ ନିମନ୍ତ୍ରଣ



ଥମିବ କି ରୁଷ- ୟୁକ୍ରେନ ଯୁଦ୍ଧ ? ଯୁଦ୍ଧରେ ଅନ୍ତ ଘଟାଇବାକୁ ଆଗଭର କି ପୁଟିନ ? ଶାନ୍ତି କଥାବାର୍ତ୍ତା ପାଇଁ ଜେଲେନସ୍କିଙ୍କୁ ରୁଷ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ । ରୁଷ- ୟୁକ୍ରେନ ଯୁଦ୍ଧ ସଂପର୍କରେ ସିଧାସଳଖ କଥାବାର୍ତ୍ତା ପାଇଁ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କୁ ନିମନ୍ତ୍ରଣ କଲେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । କଥାବାର୍ତ୍ତା ପାଇଁ ମସ୍କୋକୁ ଆସିବାକୁ ନିମନ୍ତ୍ରଣ କରିଛନ୍ତି । ଏହା ସହ ଜେଲେନସ୍କିଙ୍କ ସୁରକ୍ଷା ନେଇ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି କ୍ରେମଲିନ ବସ । ଯଦି ୟୁକ୍ରେନ ସତରେ କଥାବାର୍ତ୍ତା ପାଇଁ ଆଗ୍ରହୀ ତେବେ ଏକାଠି ବୈଠକ ପାଇଁ ଜେଲେନସ୍କି ମସ୍କୋ ଆସନ୍ତୁ । ତାଙ୍କ ସୁରକ୍ଷା ନେଇ ସେ ବ୍ୟକ୍ତିଗତ ଗ୍ୟାରେଣ୍ଟି ଦେଉଥିବା କହିଛନ୍ତି ପୁଟିନ । ଦ୍ୱିତୀୟ ଥର ପାଇଁ ସର୍ବସାଧାରଣରେ ଜେଲେନସ୍କିଙ୍କୁ ଆଲୋଚନା ପାଇଁ ଡାକିଛନ୍ତି । ଉଚ୍ଚସ୍ତରୀୟ କଥାବାର୍ତ୍ତା ପାଇଁ ଏହା ବଡ଼ ସୁଯୋଗ ବୋଲି ସେ କହିଛନ୍ତି । ଏହା ସହ ୟୁରୋପୀୟ ରାଷ୍ଟ୍ରଙ୍କୁ ଚେତାବନୀ ଦେଇଛନ୍ତି । ଯଦି ସାମରିକ କାର୍ଯ୍ୟକଳାପରେ ୟୁକ୍ରେନରେ ୟୁରୋପର କୌଣସି ରାଷ୍ଟ୍ର ସୈନ୍ୟ ମୁତୟନ କରେ, ତେବେ ରୁଷ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେବୁନାହିଁ ବୋଲି କହିଛନ୍ତି ପୁଟିନ । ଦୀର୍ଘ ସ୍ଥାୟୀ ଶାନ୍ତି ହାସଲର ବ୍ୟବସ୍ଥା ହେଲେ ୟୁକ୍ରେନରେ ସୈନ୍ୟ ମୁତୟନ କରିବାର ଆବଶ୍ୟକତା ନାହିଁ ବୋଲି ଦାବି କରିଛନ୍ତି । ଉଚ୍ଚସ୍ତରୀୟ କଥାବାର୍ତ୍ତା ପାଇଁ ଏହା ବଡ଼ ସୁଯୋଗ ବୋଲି ସେ କହିଛନ୍ତି । ଏହା ସହ ୟୁରୋପୀୟ ରାଷ୍ଟ୍ରଙ୍କୁ ଚେତାବନୀ ଦେଇଛନ୍ତି । ଯଦି ସାମରିକ କାର୍ଯ୍ୟକଳାପରେ ୟୁକ୍ରେନରେ ୟୁରୋପର କୌଣସି ରାଷ୍ଟ୍ର ସୈନ୍ୟ ମୁତୟନ କରେ, ତେବେ ରୁଷ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେବୁନାହିଁ ବୋଲି କହିଛନ୍ତି ପୁଟିନ । ଦୀର୍ଘ ସ୍ଥାୟୀ ଶାନ୍ତି ହାସଲର ବ୍ୟବସ୍ଥା ହେଲେ ୟୁକ୍ରେନରେ ସୈନ୍ୟ ମୁତୟନ କରିବାର ଆବଶ୍ୟକତା ନାହିଁ ବୋଲି ଦାବି କରିଛନ୍ତି ।

## ଗଣେଶ ପୂଜା ଭସାଣ ବେଳେ ବୋମା ହମଲା ଧମକ



ମୁମ୍ବାଇ : ମୁମ୍ବାଇକୁ ମିଳିଛି ଆତଙ୍କବାଦୀ ହମଲାର ଧମକ। ମୁମ୍ବାଇର ବିଶ୍ୱ ପ୍ରସିଦ୍ଧ ଗଣେଶ ପୂଜା ଭସାଣ ବେଳେ ହମଲା ହେବାର ଧମକ ଦେଇଛନ୍ତି ଆତଙ୍କବାଦୀ। ଏଥିପାଇଁ ୩୪ଟି ଗାଡ଼ିରେ ଖଞ୍ଜା ଯାଇଛି ମାନବ ବୋମା। ସେହିପରି ହମଲା ପାଇଁ ୧୪ ଜଣ ପାକିସ୍ତାନୀ ଆତଙ୍କବାଦୀ ମଧ୍ୟ ଭାରତରେ ପ୍ରବେଶ କରିଛନ୍ତି। ୪୦୦ କେଜି ଆରଡିଏକ୍ସ ଦ୍ୱାରା ହମଲା କରି ପୂରା ମୁମ୍ବାଇକୁ ଦୋହଲାଇ ଦିଆଯିବ ବୋଲି ଧମକ ଦିଆଯାଇଛି। ମୁମ୍ବାଇ ପୁଲିସ୍‌ର ଟ୍ରାଫିକ କଣ୍ଟ୍ରୋଲ ରୁମ ହ୍ୱାଟସଆପକୁ ଏପରି ଧମକ ମିଳିବା ପରେ ପୂରା ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଧମକପୂର୍ଣ୍ଣ ମେସେଜରେ ଏକାଧିକ ଆତଙ୍କବାଦୀ ହମଲାର ଯୋଜନା କରାଯାଇଥିବା କୁହାଯାଇଛି। ମସେଜରେ କୁହାଯାଇଛି ଯେ ମୁମ୍ବାଇରେ ଆତଙ୍କବାଦୀ ହମଲା କରିବା ପାଇଁ ୩୪ଟି ଗାଡ଼ିରେ ମାନବ ବୋମା ଖଞ୍ଜା ଯାଇ ସାଛି। ବିସ୍ଫୋରଣ ଏତେ ଭୟଙ୍କର ହେବ ଯେ ପୂରା ମୁମ୍ବାଇ ଦୋହଲି ଯିବ। ପୁଲିସ ଗଣେଶ ପୂଜାର ୧୦ମ ଦିନ ଅର୍ଥାତ ଅନନ୍ତ ଚତୁର୍ଥୀ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ପୂରା ସହରରେ କଡ଼ାକଡ଼ି କରୁଥିବା ବେଳେ ଗୁରୁବାର କଣ୍ଟ୍ରୋଲ ରୁମକୁ ଏପରି ଧମକପୂର୍ଣ୍ଣ ବାର୍ତ୍ତା ଆସିଛି। ଶନିବାର ଗଣେଶ ଭସାଣୀ ମୁମ୍ବାଇରେ ଅନୁଷ୍ଠିତ ହେବ। ଏହି ସମୟରେ ବିସ୍ଫୋରଣ କରାଯିବ ବୋଲି ଧମକ ଦିଆଯାଇଛି। ମେସେଜ ମିଳିବା ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଆତଙ୍କବାଦୀ ନିରୋଧ ସ୍କ୍ୱାଡ ଓ ଅନ୍ୟ ଏଜେନ୍ସିମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଧମକ ଦେଇଥିବା ସଂଗଠନ ନିଜକୁ ଲସ୍କର-ଇ-ଜେହାଦୀ ବୋଲି କହିଛି। ସଂଗଠନ ଦାବି କରିଛି ଯେ ୧୪ ଜଣ ପାକିସ୍ତାନୀ ଆତଙ୍କବାଦୀ ହମଲା ପାଇଁ ଭାରତରେ ପ୍ରବେଶ କରିଛନ୍ତି। ହମଲାରେ ମୋଟ ୪୦୦ କେଜି ଆରଡିଏକ୍ସ ବିସ୍ଫୋରକ ବ୍ୟବହାର ହେବ। ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଥିବା ସଂଗଠନ ପକ୍ଷରୁ ଧମକ ଦିଆଯାଇଛି। ଗଣେଶ ଭସାଣୀରେ ହଜାର ହଜାର ଲୋକ ସାମିଲ ହେବେ। ଶନିବାର ମୁମ୍ବାଇ ରାସ୍ତା ଲୋକାରଣ୍ୟ ହେବାକୁ ଥିବାରୁ ପୁଲିସ୍ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଏପରି ସ୍ଥିତିରେ ଆତଙ୍କବାଦୀ ହମଲାର ଧମକ ମିଳିଛି। ଧମକ ମିଳିବା ପରେ ପୂରା ସହରରେ ଆଲର୍ଟ ଜାରି କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଛି। ଅଧିକାରୀମାନେ ମେସେଜ ଆସିଥିବା ସୂତ୍ରର ଯାଞ୍ଚ କରୁଛନ୍ତି।


## ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ମହିଳା ଆଇପିଏସ ଅଧିକାରୀଙ୍କୁ ଧମକ ଦେଇଥିବା ଅଭିଯୋଗ



ମୁମ୍ବାଇ : ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ହେଉଛନ୍ତି ଅଜିତ ପାୱାର । ସେ ଜଣେ ମହିଳା ଆଇପିଏସ ଅଧିକାରୀଙ୍କୁ ଧମକ ଦେଇଥିବା ଖବର ସାମ୍ନାକୁ ଆସିଛି । କଥା କେବଳ ସେତିକି ନୁହେଁ ଏହି ପ୍ରସଙ୍ଗରେ କଥା ହେଉଥିବା ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରଲ ହେବାରେ ଲାଗିଛି । ଭାଇରାଲ ହେବା ପରେ ଏହା ରାଜନୈତିକ ବିବାଦ ସୃଷ୍ଟି ହୋଇଛି । ମିଳିଥିବା ସୂଚନା ଅନୁସାରେ ସୋଲାପୁରରେ ବେଆଇନ ଖଣି ଖନନ ଅଭିଯୋଗ ପାଇବା ପରେ ଆଇପିଏସ୍ ଅଞ୍ଜନା କୃଷ୍ଣ ଏକ ସ୍ଥାନରେ ଚଢାଉ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏହାକୁ ବନ୍ଦ କରିବାକୁ ଚେଷ୍ଟା କରିଥିଲେ । ସେ ଏନେଇ ଏନସିପି କର୍ମୀଙ୍କ ଫୋନରେ ମହିଳା ଆଇପିଏସ୍ ଅଧିକାରୀଙ୍କୁ ଧମକ ଦେଇଥିଲେ । କହିଥିଲେ, "ମୁଁ, ଉପମୁଖ୍ୟମନ୍ତ୍ରୀ, ଆପଣଙ୍କୁ କହୁଛି । ତୁରନ୍ତ କାମ ବନ୍ଦ କରନ୍ତୁ । କିନ୍ତୁ ଅଞ୍ଜନା ତାଙ୍କ ସ୍ୱରକୁ ଚିହ୍ନି ପାରି ନଥିଲେ ଏବଂ ତାଙ୍କୁ ସିଧାସଳଖ ତାଙ୍କ ମୋବାଇଲ୍ ନମ୍ବରରେ କଲ୍ କରିବାକୁ କହିଥିଲେ । ଏହା ଶୁଣିବା ମାତ୍ରେ ପାୱାର ରାଗି ଯାଇଥିଲେ । କହିଲେ, "ତୁମର ସାହସ କିପରି ହେଲା ? ମୁଁ ତୁମ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବି । ପାୱାର ଅଞ୍ଜନାଙ୍କୁ ଏକ ଭିଡିଓ କଲ୍ କରିଥିଲେ ଏବଂ ପୁଣି ଥରେ ତାଙ୍କୁ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ତାଙ୍କୁ ପଚାରିଥିଲେ ଯେ ସେ ତାଙ୍କୁ ଚିହ୍ନିଛନ୍ତି କି ? ଏହି ଘଟଣା ସୋସିଆଲ ମିଡିଆରେ ଏକ ବିବାଦ ସୃଷ୍ଟି କରିଛି । ଏନସିପି କହିଛି ଯେ ପାୱାରଙ୍କ କଥାକୁ ଭୁଲ ବୁଝାଯାଇଥିଲା । ଅଜିତ ପାୱାର ଦଳୀୟ କର୍ମୀଙ୍କୁ ଶାନ୍ତ କରିବା ପାଇଁ ଅଧିକାରୀଙ୍କୁ କଠୋର ଭାବରେ କଥା କହିଥାଇପାରନ୍ତି । ସେ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଚାହୁଁ ନଥିଲେ । ବିରୋଧୀ ଦଳଗୁଡ଼ିକ ଏହି ଘଟଣା ପାଇଁ ପାୱାରଙ୍କ ଠାରୁ କ୍ଷମା ମାଗିଛନ୍ତି । ଶିବସେନା ଉଦ୍ଧବ ଠାକରେ ନେତା ସଞ୍ଜୟ ରାଉତ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ମହିଳା ଆଇପିଏସ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇବାକୁ ଦାବି କରିଛନ୍ତି । ଅଞ୍ଜନା କୃଷ୍ଣ କେରଳର ବାସିନ୍ଦା । ସେ ସୋଲାପୁରର କରମାଳାଠାରେ ପୋଲିସ ଉପ-ସୁପରିଣ୍ଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରୁଛନ୍ତି । ଏହି ଘଟଣା ଅଗଷ୍ଟ ୩୧ ତାରିଖରେ ସୋଲାପୁର ଜିଲ୍ଲାର କରମାଳା ଉପ-ଜିଲ୍ଲାର କୁର୍ଡୁ ଗାଁରେ ଘଟିଥିଲା । ଅଜିତ ପାୱାର ପରେ ତାଙ୍କ ବ୍ୟକ୍ତିଗତ ଢ ହ୍ୟାଣ୍ଡେଲରେ କ୍ଷମା ମାଗି କହିଥିଲେ ଯେ, "ସୋଲାପୁରରେ ପୋଲିସ ଅଧିକାରୀଙ୍କ ସହ ମୋର ଆଲୋଚନା ସମ୍ପର୍କରେ ପ୍ରସାରିତ କିଛି ଭିଡିଓ ପ୍ରତି ମୋର ଦୃଷ୍ଟି ଆକର୍ଷଣ କରାଯାଇଛି ।

## ଶସ୍ତା ହେବ ପେଟ୍ରୋଲ ଡିଜେଲ !

ନୂଆଦିଲ୍ଲୀ : ଜିଏସଟି ସ୍ଲାବରେ ସଂସ୍କାର ପରେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ସରକାର ସର୍ବଦା ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ କରନ୍ତି। ସେ କହିଛନ୍ତି ଯେ ଏହି ନବରାତ୍ରିର ପ୍ରଥମ ଦିନରୁ, କମ ହାର ଯୋଗୁ ଜନସାଧାରଣ ଅଧିକ ସାମଗ୍ରୀ କିଣିପାରିବେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୁଧବାର (୩ ସେପ୍ଟେମ୍ବର ୨୦୨୫) ସ୍ପଷ୍ଟ କରିଛନ୍ତି ଯେ ଏବେ କେବଳ ଦୁଇଟି ଜିଏସଟି ସ୍ଲାବ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ରହିବ, ଯେତେବେଳେ କ୍ଷତିକାରକ ଏବଂ ସୁପର ଲଗଜରୀ ସାମଗ୍ରୀ ଉପରେ ଏକ ସ୍ୱତନ୍ତ୍ର ୪୦ ପ୍ରତିଶତ ଟିକସ ଲାଗୁ ହେବ। ଏହି ସଂସ୍କାର ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, 'ସାଧାରଣ ଲୋକଙ୍କୁ ଧ୍ୟାନରେ ରଖି ଏହି ସଂସ୍କାର କରାଯାଇଛି। ସାଧାରଣ ଲୋକଙ୍କ ଦୈନନ୍ଦିନ ବ୍ୟବହାର ଉପରେ ଲାଗୁ ହୋଇଥିବା ପ୍ରତ୍ୟେକ ଟିକସର ସମୀକ୍ଷା କରାଯାଇଛି ଏବଂ ଅଧିକାଂଶ କ୍ଷେତ୍ରରେ ଦରକୁ ବ୍ୟାପକ ଭାବରେ ହ୍ରାସ କରାଯାଇଛି। ଏହା ଚାଷୀ ଏବଂ କୃଷି କ୍ଷେତ୍ର ସହିତ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମଧ୍ୟ ଲାଭଦାୟକ ହେବ। ଇଣ୍ଡିଆ ଟୁଡେର ଏକ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶୁକ୍ରବାର (୫ ସେପ୍ଟେମ୍ବର ୨୦୨୫) କହିଥିଲେ ଯେ



୩୦୦ ରୁ ଅଧିକ ସାମଗ୍ରୀ ଏବଂ ସେବାର ଦର ହ୍ରାସ ହେବାକୁ ଯାଉଛି। ଏହି ସମୟରେ, ସେ ପେଟ୍ରୋଲ ଏବଂ ଡିଜେଲକୁ ଏଝଞ୍ଚ ପରିସରକୁ ଆଣିବା ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ସେ କହିଛନ୍ତି, 'ଏଝଞ୍ଚର ଏହି ପ୍ରସ୍ତାବରେ ପେଟ୍ରୋଲ ଏବଂ ଡିଜେଲକୁ ଅନ୍ତର୍ଭୁକ୍ତ କରାଯାଇ ନଥିଲା।' 'ଜିଏସଟି ପ୍ରଚଳନ କରିବା ସମୟରେ, ଆମେ ଏକ ଆଇନଗତ ବ୍ୟବସ୍ଥା କରିଥିଲୁ ଯେ ଯଦି ରାଜ୍ୟଗୁଡ଼ିକ ହାର ଉପରେ ସହମତ ହୁଅନ୍ତି, ତେବେ ପେଟ୍ରୋଲ ଏବଂ ଡିଜେଲକୁ ମଧ୍ୟ ଜିଏସଟି ପରିସରକୁ ଅଣାଯାଇପାରିବ।' କେନ୍ଦ୍ର ଏବଂ ରାଜ୍ୟ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଟିକସ ଆଦାୟ କରନ୍ତି। ପ୍ରତ୍ୟେକ ରାଜ୍ୟ ଏହା ଉପରେ ଭିନ୍ନ ଭିନ୍ନ ଟିକସ ଲଗାଏ, କାରଣ ରାଜ୍ୟ ଭିନ୍ନ ଭିନ୍ନ ବିକ୍ରୟ କର କିମ୍ବା ଭାଟ ପରିମାଣ ଲାଗୁ କରେ। ଯଦି ଏଗୁଡ଼ିକ ଜିଏସ୍ଟି ପରିସରକୁ ଆସେ, ତେବେ ରାଜ୍ୟଗୁଡ଼ିକ ସେମାନଙ୍କର ଟିକସ ଗଠନ ଉପରେ ନିୟନ୍ତ୍ରଣ ହରାଇବେ। ଯଦିଓ ପେଟ୍ରୋଲ ଏବଂ ଡିଜେଲକୁ ସର୍ବାଧିକ ୪୦ ପ୍ରତିଶତ ଜିଏସଟି ସ୍ଲାବରେ ଅଣାଯାଏ, ତେବେ ଏହାର ମୂଲ୍ୟ ବର୍ତ୍ତମାନର ହାର ତୁଳନାରେ ହ୍ରାସ ପାଇବ। ୫୦ ପ୍ରତିଶତରୁ ଅଧିକ ଟିକସ ପେଟ୍ରୋଲ ଏବଂ ଡିଜେଲ ଉପରେ ଯାଏ।

## ଆଫଗାନିସ୍ତାନରେ ୨୪ ଘଣ୍ଟା ମଧ୍ୟରେ ଦୁଇଥର ଭୂକମ୍ପ ଝଟକା



ଆଫଗାନିସ୍ତାନ: ଆଫଗାନିସ୍ତାନରେ ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ଭୂମିକମ୍ପ ଅନୁଭୂତ ହୋଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଏହି ଭୂମିକମ୍ପ ଶୁକ୍ରବାର ସକାଳ ଅର୍ଥାତ୍ ଆଜି ୦୩:୧୬ ରେ ହୋଇଥିଲା । ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୯ ମାପ କରାଯାଇଥିଲା । ହେଲେ, ଏପର୍ଯ୍ୟନ୍ତ କୌଣସି ପ୍ରକାରର କ୍ଷୟକ୍ଷତିର ଖବର ନାହିଁ । କିନ୍ତୁ ୨୪ ଘଣ୍ଟା ମଧ୍ୟରେ ଦୁଇଥର ଭୂମିକମ୍ପ ହେବା ଯୋଗୁଁ ଲୋକମାନେ ଭୟଭୀତ ହୋଇଯାଇଛନ୍ତି । ଗୁରୁବାର ପୂର୍ବରୁ ୬.୨ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ଜଲାଲାବାଦରୁ ୧୪ କିଲୋମିଟର ପୂର୍ବରେ ଏବଂ ୧୦ କିଲୋମିଟର ଗଭୀରରେ ଅବସ୍ଥିତ ଥିଲା । ଏହା ସାମ୍ପ୍ରତିକ ସମୟରେ ଆଫଗାନିସ୍ତାନରେ ଦ୍ୱିତୀୟ ବଡ଼ ଭୂମିକମ୍ପ ଥିଲା । ଗତ ସପ୍ତାହରେ, ଆଫଗାନିସ୍ତାନରେ ଆଉ ଏକ ଶକ୍ତିଶାଳୀ ଭୂମିକମ୍ପ ହୋଇଥିଲା, ଯାହା ଦେଶର ଅନେକ ଅଂଶକୁ ଥରାଇ ଦେଇଥିଲା । ଗତ ରବିବାର ରାତିରେ ଏହି ଭୂମିକମ୍ପ ହୋଇଥିଲା, ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୬.୦ ରେକର୍ଡ କରାଯାଇଥିଲା । ଏହି ଭୂମିକମ୍ପ ଅନେକ ପ୍ରଦେଶରେ ବିନାଶ ଘଟାଇଛି । ତାଲିବାନ ସରକାରଙ୍କ ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ ୨୨୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି ।

## ଅନ୍ତଃରାଜ୍ୟ ନକଲି ଆଇଏଏସ୍ ଅଫିସର ଗିରଫ




ଲକ୍ଷ୍ନୌ : ନକଲି ଜିନିଷ କଥା ଶୁଣିଥିବେ। ନକଲି ସେବା ସମ୍ପର୍କରେ ଅବଗତ ଥିବେ। ହେଲେ ଅନ୍ତଃରାଜ୍ୟ ନକଲି ଆଇଏଏସ୍ ଅଫିସରଙ୍କ କଥା କେବେ ଶୁଣିଛନ୍ତି କି? ହଁ, ଏବେ ସେଭଳି ଜଣେ ନକଲି ବାବୁଙ୍କୁ ଧରିଛି ଉତ୍ତର ପ୍ରଦେଶ ପୁଲିସ୍। ନିଜକୁ ଆଇଏଏସ୍ ଅଫିସରର ପରିଚୟ ଦେଇ ଦେଶର ବିଭିନ୍ନ ରାଜ୍ୟରେ ଲୋକଙ୍କୁ ଚୂନ ଲଗାଇଥିବା ଜଣେ ୩୬ ବର୍ଷୀୟ ବ୍ୟକ୍ତିଙ୍କୁ ପୁଲିସ୍ ଲକ୍ଷ୍ନୌରୁ ଗିରଫ କରିଛି। ଗିରଫ ନକଲି ଆଇଏଏସ୍ ଜଣଙ୍କ ହେଲେ ସୌରଭ ତ୍ରିପାଠୀ ଓ ତାଙ୍କ ଘର ଗୌତମ ବୁଦ୍ଧ ନଗରରେ। ସେ ନକଲି ଦସ୍ତାବିଜ, ଜାଲ ସରକାରୀ ପାସ୍ ଓ ଗାଡ଼ିରେ ବ୍ଲୁ ବତୀ ଲଗାଇ ନିଜକୁ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ପରିଚୟ ଦେଇ ବେଧଡ଼କ ନିଜ କାରନାମା ଜାରି ରଖିଥିଲେ। ପୁଲିସ୍ କାର୍ଗିଲ ସହିଦ ପାର୍କରେ ନିୟମିତ ଚେକିଂ ବେଳେ ତ୍ରିପାଠୀଙ୍କୁ ଗିରଫ କରିଛି।

ପୁଲିସ୍ ତାଙ୍କ ଠାରୁ ୬ଟି ବଡ଼ ଗାଡ଼ି ଜବତ କରିଛି। ଏହା ମଧ୍ୟରେ ମର୍ସିଡିଜ, ଡିଫେଣ୍ଡର, ଫର୍ଚୁନର ଓ ୨ଟି ଇନୋଭା କ୍ରାୟଷ୍ଟସ ରହିଛି। ଏହି ସବୁ ଗାଡ଼ିରେ ନକଲି ଆଇଏଏସ୍ ଜଣଙ୍କ ଜାଲ୍ ଉପାୟରେ ହାସଲ କରିଥିବା ସରକାରୀ ପାସ୍ ଲଗାଇଥିଲେ। ଏହାବାଦ ଗୋଟିଏ ଲ୍ୟାପଟପ, ଏକାଧିକ ମୋବାଇଲ ଫୋନ, ନଗଦ ଟଙ୍କା ଓ କିଛି ଜାଲ କାଗଜପତ୍ର ମଧ୍ୟ ତାଙ୍କ ଠାରୁ ଜବତ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜବତ ହୋଇଥିବା କୌଣସି ଗୋଟିଏ ହେଲେ ବି କାର ତ୍ରିପାଠୀଙ୍କ ନାଁରେ ପଞ୍ଜିକରଣ ହୋଇନାହିଁ। ରେକର୍ଡ ଅନୁସାରେ ଫର୍ଚୁନର କାରଟି ନୋଏଡାର ଜଣେ ବ୍ୟକ୍ତିଙ୍କ ନାଁରେ ପଞ୍ଜିକରଣ ହୋଇଥିବା ବେଳେ ଗୋଟିଏ ଇନୋଭା ଲକ୍ଷ୍ନୌ, ଡିଫେଣ୍ଡର ପାଟନା, ମର୍ସିଡିଜଟି ଗୋଟିଏ ଟ୍ରାଭେଲ ଏଜେନ୍ସି ଓ ଅନ୍ୟ ଗୋଟିଏ ଇନୋଭା ଲକ୍ଷ୍ନୌର ଜଣେ ବ୍ୟକ୍ତିଙ୍କ ନାଁରେ ରହିଛି। ଅନ୍ୟମାନଙ୍କ ନାଁରେ ଗାଡ଼ିଗୁଡ଼ିକ ପଞ୍ଜିକରଣ ହୋଇଥିବା ବେଳେ ସୌରଭ ତ୍ରିପାଠୀ ସେଥିରେ ଉତ୍ତର ପ୍ରଦେଶ ବିଧାନସଭା, ବିଧାନ ପରିଷଦ, ସଚିବାଳୟ ଓ ଭାରତ ସରକାରଙ୍କ ଲୋଗ ଓ ପାସ୍ ମାରି ବୁଲାବୁଲି କରୁଥିଲେ। ନିଜକୁ ଆଇଏଏସ୍ ଅଫିସରର ପରିଚୟ ଦେଇ ସୌରଭ ତ୍ରିପାଠୀ ଏକାଧିକ ଉଚ୍ଚ ସ୍ତରୀୟ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସୌରଭ ଆଇଏଏସ୍ ନାଁରେ ସେ ଗୋଟିଏ ସୋଶାଲ ମିଡିଆ ଆକାଉଣ୍ଟ ମଧ୍ୟ ଚଳାଉଥିଲେ। ଅବଶ୍ୟ ଉକ୍ତ ଆକାଉଣ୍ଟ ଏବେ ଡିଲିଟ ହୋଇଯାଇଛି। ପୁଲିସ୍‌ର କହିବା କଥା ଯେ ସୌରଭ ତ୍ରିପାଠୀ ନକଲି ପରିଚୟ ପତ୍ର ଜରିଆରେ ବିଭିନ୍ନ ରାଜ୍ୟ ଓ ଜିଲ୍ଲାର ଲୋକଙ୍କୁ ଚୂନ ଲଗାଇଛନ୍ତି। କାର୍ଗିଲ ସହିଦ ପାର୍କରେ ଚାଲିଥିବା ଚେକିଂ ବେଳେ ପୁଲିସ୍ ତାଙ୍କୁ ଅଟକାଇଥିଲେ। ଏହି ସମୟରେ ସେ ନିଜକୁ ଜଣେ ଆଇଏଏସ୍ ଅଫିସରର ପରିଚୟ ଦେଇ ପୁଲିସ୍‌କୁ ଧମକଚମକ ଦେଇଥିଲେ। ତେବେ ଯାଞ୍ଚ ବେଳେ ତାଙ୍କର ସବୁ କାଗଜପତ୍ର ଓ ପାସ ଜାଲ ବୋଲି ଜଣାପଡ଼ିଥିଲା। ଏହି ଘଟଣା ପରେ ପୁଲିସ୍ ତାଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି।

## ବନ୍ୟାରେ ଧୋଇଗଲା ଭାରତ-ପାକିସ୍ତାନ ସୀମା ବାଡ଼



ନୂଆଦିଲ୍ଲୀ : ଚଳିତ ବର୍ଷର ବନ୍ୟା ପଞ୍ଜାବରେ ତାଣ୍ଡବ ରଚିଛି। ଏହି ସମୟରେ, ପଞ୍ଜାବର ଫିରୋଜପୁର ଜିଲ୍ଲାରେ ଭାରତ-ପାକିସ୍ତାନ ସୀମାରେ ଥିବା ଆରାଜି ଆଡଭାନ୍ସ ବନ୍ଧ ଧୋଇ ହୋଇଯାଇଛି। ଏହାକୁ ରକ୍ଷା କରିବା ପାଇଁ ଗ୍ରାମବାସୀ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ଜିଲାରୁ ଯୁବକମାନେ ଟ୍ରଲିରେ ମାଟି ଆଣି ବନ୍ଧକୁ ସୁଦୃଢ଼ କରିବା ପାଇଁ ମାଟି ବସ୍ତା ପୂରଣ କରୁଛନ୍ତି। ସୂଚନାଯୋଗ୍ୟ, ସତଲେଜ ଏବଂ ରବି ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁ, ବିଏସଏଫ ବାଡ଼ର ଏକ ବଡ଼ ଅଂଶ ପାଣିରେ ବୁଡ଼ି ଯାଇଛି। ଏହା ଯୋଗୁ, ବିଏସଏଫ ଯବାନମାନଙ୍କୁ ଉଜନ ଉଜନ ଚେକପୋଷ୍ଟ ଖାଲି କରିବାକୁ ପଡିଛି। ସୀମାର ଅନ୍ୟ ପାର୍ଶ୍ୱରେ, ପାକିସ୍ତାନୀ ପୋଷ୍ଟଗୁଡ଼ିକ ମଧ୍ୟ ନଦୀର ପ୍ରକୋପର ସମ୍ମୁଖୀନ ହେଉଛନ୍ତି। ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ, ଗୁରୁଦାସପୁର, ଅମୃତସର ଏବଂ ପଠାଣକୋଟରେ ଅତି କମରେ ୫୦ ଟି ସ୍ଥାନରେ ସୁରକ୍ଷା ବନ୍ଧ ଭାଙ୍ଗିବା ରିପୋର୍ଟ ମିଳିଛି। ଡ୍ରଗ୍ସ ଚୋରାଚାଲାଣକାରୀମାନେ ମଧ୍ୟ ଏହି ଫାଙ୍କରୁ ଫାଇଦା ନେବାକୁ ଚେଷ୍ଟା କରିଥିଲେ, କିନ୍ତୁ ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ ବିଏସଏଫର ସତର୍କତା ଯୋଗୁ ସେମାନେ ତୁରନ୍ତ ଧରାପଡ଼ିଛନ୍ତି। ବିଏସଏଫ ପଞ୍ଜାବ ଫ୍ରଣ୍ଟିୟରର ଡିଆଇଜି ଇଣ୍ଡିଆନ ଏକ୍ସପ୍ରେସ ସହିତ କଥାବାର୍ତ୍ତା କରିବା ସମୟରେ ନିଶ୍ଚିତ କରିଛନ୍ତି ଯେ ଗୁରୁଦାସପୁରରେ ପ୍ରାୟ ୩୦-୪୦ ସୀମାନ୍ତ ପୋଷ୍ଟ ବୁଡ଼ି ଯାଇଛି। ସୈନିକମାନଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଛି ଏବଂ କୌଣସି ଜୀବନହାନିର ରିପୋର୍ଟ ନାହିଁ। ଜଣେ ଅଧିକାରୀ ସୂଚନା ଦେଇଛନ୍ତି ଯେ ଜିରୋ ଲାଇନର ଉଭୟ ପାର୍ଶ୍ୱରେ ରାବି ନଦୀ ଭୟଙ୍କର ରୂପ ନେଇଛି। ପାକିସ୍ତାନ ରେଞ୍ଜର୍ସଙ୍କୁ ମଧ୍ୟ ସେମାନଙ୍କର ପୋଷ୍ଟ ଛାଡିବାକୁ ପଡିଛି। ସେ କହିଛନ୍ତି ଯେ ସତଲେଜର ବନ୍ୟାରେ ବିଏସଏଫ ସୈନିକମାନେ ଲଢ଼ିବାକୁ ସକ୍ଷମ। ସେ କହିଛନ୍ତି ଯେ ବହୁ ବର୍ଷ ମଧ୍ୟରେ ଏହା ପ୍ରଥମ ଥର ଯେ ଗୁରୁଦାସପୁର ଏବଂ ଅମୃତସରରେ ରାବି ନଦୀ ଏତେ ଭୟଙ୍କର ରୂପ ନେଇଛି। ଗୁଦାସପୁର ଡ୍ରେନେଜ ବିଭାଗ ନିଶ୍ଚିତ କରିଛି ଯେ ଜିଲାରେ ରାବି ନଦୀ ଉପରେ ନିର୍ମିତ ବନ୍ଧ ୨୮ଟି ସ୍ଥାନରେ କ୍ଷତିଗ୍ରସ୍ତ ହୋଇଛି। ଅମୃତସରରେ ୧୦-୧୨ ଟି ଏବଂ ପଠାଣକୋଟରେ ଗୋଟିଏ ବଡ଼ କ୍ଷତି ହୋଇଛି। ଏଠାରେ, ପ୍ରାୟ ୨ କିଲୋମିଟର ଲମ୍ବା ବନ୍ଧ ସମ୍ପୂର୍ଣ୍ଣ ଭାବରେ ଧୋଇ ଯାଇଛି।

### ମହିଳା ହକି ଏସିଆ କପ୍ ଆରମ୍ଭ

# ଥାଇଲାଣ୍ଡକୁ ୧୧-୦ ଗୋଲରେ ହରାଇଲା ଭାରତ



ନୂଆଦିଲ୍ଲୀ,୫।୯: ୧୧ ଗୋଲ, ଟୋଟାଲ କଣ୍ଟ୍ରୋଲ ିମେନ ଇନ ଫୁଲ ପାୱାର। ଚୀନର ହାଙ୍ଗଝୌରେ ଆଜିଠୁ ଆରମ୍ଭ ହୋଇଛି ମହିଳା ହକି ଏସିଆ କପ। ଉଦଘାଟନୀ ଥାଇଲାଣ୍ଡ ବିପକ୍ଷରେ ବଡ ବିଜୟ ହାସଲ କରିଛି ଭାରତୀୟ ମହିଳା ଦଳ। ୧୧-୦ ଗୋଲରେ ଥାଇଲାଣ୍ଡକୁ ମାତ ଦେଇଛି ଟିମ ସାଲିମା ୩ ଜଣ ଖେଳାଳି ୨ଟି ଲେଖାଏଁ ଗୋଲ କରି ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି। ମୁମଦାଜ ଖାନ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ।

ପ୍ରଥମ କ୍ୱାର୍ଟର ୨-୦ରେ ଶେଷ ହୋଇଥିଲା। ଭାରତର ଦବଦବା ଜାରି ରହିଥିଲା ହାଫ୍ ଟାଇମ ଶେଷ ସୁଦ୍ଧା ଭାରତ ୫-୦ ଗୋଲରେ ଆଗୁଆ ଥିଲା। ଥାଇଲାଣ୍ଡ ଟିମ୍ ଗୋଲ ପ୍ରତିଶୋଧ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ବିଫଳ ହୋଇଥିଲା। ଗୋଲ ପରେ ଗୋଲ ବର୍ଷା କରିଚାଲିଥିଲା ଟିମ୍ ସାଲିମା। ଭାରତ ମ୍ୟାଚକୁ ନିଜ କବଜାକୁ ନେଇଥିଲା । ଉଦଘାଟନୀ ମ୍ୟାଚରେ ୧୧-୦ ଗୋଲରେ ଏକତରଫା ବିଜୟ ହାସଲ କରିଛି ଭାରତ। ଦଳ ପକ୍ଷରୁ ମୁମତାଜ, ଉଦିତା ଓ ବିୟୁଟି ଡଙ୍ଗ ଦୁଇଟି ଲେଖାଏଁ ଗୋଲ କରିଛନ୍ତି। ସେହିପରି ସଙ୍ଗୀତା, ନବନୀତ, ସର୍ମିଳା ରୁତୁରାଜ ଗୋଟିଏ ଲେଖାଏ ଗୋଲ କରିଛନ୍ତି। ଥାଇଲାଣ୍ଡ ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ବି ଖାତା ଖୋଲି ପାରିନାହିଁ।ଥାଇଲାଣ୍ଡ କମବ୍ୟାକ କରିବାକୁ ଚେଷ୍ଟା କରିଥିଲେ ବି ଭାରତର ଆଟାକିଂ ଷ୍ଟ୍ରାଇକରେ ଘାଇଲା ହୋଇଥିଲା ।

ଭାରତ ପୁଲ ବିରେ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହ ରହିଛି। ପ୍ରଥମ ମ୍ୟାଚରେ ଥାଇଲାଣ୍ଡ ବିପକ୍ଷରେ ଦମଦାର ବିଜୟ ହାସଲ କରିଛି। ଆସନ୍ତାକାଲି ଜାପାନ ଓ ୮ରେ ସିଙ୍ଗାପୁରକୁ ଭେଟିବ ଟିମ ସାଲିମା। ପୁଲ ପର୍ଯ୍ୟାୟ ପରେ ଉଭୟ ଗ୍ରୁପରୁ ଶ୍ରେଷ୍ଠ ୪ ଦଳ ସୁପର-୪କୁ ଉନ୍ନୀତ ହେବେ। ଏହି ପର୍ଯ୍ୟାୟ ୧୦ ତାରିଖରୁ ଆରମ୍ଭ ହେବ। ୨୦୨୨ ସଂସ୍କରରେ ଜାପାନ ଚାମ୍ପିଅନ, ଦକ୍ଷିଣ କୋରିଆ। ରନର୍ସଅପ୍ ଏବଂ ଭାରତ ତୃତୀୟ ସ୍ଥାନ ହାସଲ କରିଥିଲା ଏଥର ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରି ଟାଇଟଲ ଜିତିବ ବୋଲି ଆଶା ରହିଛି ।

ବିଶ୍ୱକପ୍ ଟିକେଟ୍ ହାସଲ ଲକ୍ଷ୍ୟ- ଭାରତୀୟ ଦଳକୁ ପୁଲ୍ ବିରେ ରଖାଯାଇଛି, ଯେଉଁଥିରେ ଏସିଆ। କପ୍ ଚାମ୍ପିଅନ୍ ଜାପାନ, ଥାଇଲାଣ୍ଡ ଏବଂ ସିଙ୍ଗାପୁର ସାମିଲ ଅଛନ୍ତି ପୁଲ୍ ଏରେ ଆୟୋଜକ ଚୀନ୍, କୋରିଆ, ମାଲେସିଆ ଏବଂ ଚାଇନିଜ୍ ତାଇପେ ଅଛନ୍ତି ଏସିଆ। କପ୍ ଆସନ୍ତା ବର୍ଷ ବେଲଜିୟମ ଏବଂ ନେଦରଲ୍ୟାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱକପ୍ ପାଇଁ ଏକ ଯୋଗ୍ୟତା ଅର୍ଜନ ଟୁର୍ଣ୍ଣାମେଣ୍ଟ ।

ଅନ୍ୟପଟେ ବିହାରର ରାଜଗିରିରେ ଚାଲିଥିବା ପୁରୁଷ ହକି ଏସିଆ। କପରେ ଭାରତର ଦମଦାର ପ୍ରଦର୍ଶନ ଦେଖିବାକୁ ମିଳିଛି। ସୁପର ଫୋର ରାଉଣ୍ଡରେ ଭାରତର ପ୍ରଥମ ମ୍ୟାଚ କୋରିଆ ବିପକ୍ଷରେ ଡ୍ର ହୋଇଥିଲା। ୪-୧ ଗୋଲରେ ମାଲେସିଆ।କୁ ହରାଇ ଟେବୁଲ ଟପରେ ରହିଛି ଟିମ ଇଣ୍ଡିଆ। ଫାଇନାଲ ଖେଳିବାକୁ ହେଲେ ମାଲେସିଆ। ବିପକ୍ଷରେ ଏ ବିଜୟ ଜରୁରି ଥିଲା।

# କ୍ରିକେଟ୍‌କୁ ଫେରୁଛନ୍ତି ରସ୍ ଟେଲର୍

;ନୂଆଦିଲ୍ଲୀ: ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ରସ୍ ଟେଲର ୪୧ ବର୍ଷ ବୟସରେ କ୍ରିକେଟକୁ ଫେରୁଛନ୍ତି ପୂର୍ବରୁ ସେ କ୍ରିକେଟ୍‌ରୁ ଅବସର ନେଇ



ସାରିଥିବା ବେଳେ ଓମାନରେ ହେବାକୁ ଥିବା ଆଗାମୀ ଏସିଆ-ପୂର୍ବ ଏସିଆ-ପ୍ରଶାନ୍ତ ମହାସାଗରୀୟ ଟି-୨୦ ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପାଇଁ ସାମୋଆ। କ୍ରିକେଟ ଦଳ ପାଇଁ ଖେଳିବେ ବୋଲି ସୂଚନା ରହିଛି, ଯାହାକି ଟିମ୍‌କୁ ୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ସାହାଯ୍ୟ କରିପାରେ ଶୁକ୍ରବାର ଟେଲରଙ୍କୁ କାଲେବ ଜାସମତଙ୍କ ନେତୃତ୍ୱରେ ୧୫ ଜଣିଆ। ଦଳରେ ସ୍ଥାନ ଦିଆଯାଇଛି।

ଏନେଇ ଟେଲର୍ ନିଜେ ତାଙ୍କ ସୋସିଆଲ୍ ମିଡିଆ। ଆକାଉଣ୍ଟ୍‌ରେ ଘୋଷଣା କରିଛନ୍ତି ଟେଲର ଇନଷ୍ଟାଗ୍ରାମରେ ଖେଳକୁ ଫେରିବା କଥା ଉଲ୍ଲେଖ କରି ଲେଖିଛନ୍ତି, ଏହା ଆନୁଷ୍ଠାନିକ ଅଟେ ମୁଁ ଗର୍ବର ସହିତ ଘୋଷଣା କରୁଛି ଯେ ମୁଁ ନୀଳ ରଙ୍ଗ ପାଇଁ ଖେଳିବି ଏବଂ କ୍ରିକେଟରେ ସାମୋଆରୁ ପ୍ରତିନିଧି କରିବି ଏହା କେବଳ ମୁଁ ଖେଳକୁ ଭଲପାଏ ବୋଲି ଫେରିବି ତାହା ନୁହେଁ ବରଂ ମୋ ପାଇଁ ମୋ ଐତିହ୍ୟ, ସଂସ୍କୃତି, ଗାଁ ଏବଂ ପରିବାରକୁ ପ୍ରତିନିଧି କରିବା ଏକ ବଡ଼ ସମ୍ମାନ

ଟେଲର ଆହୁରି ମଧ୍ୟ କହିଛନ୍ତି ଯେ ଖେଳକୁ ଫେରିବା, ଦଳରେ ଯୋଗଦେବା ଏବଂ ପଡ଼ିଆ। ଭିତରେ ଏବଂ ବାହାରେ ମୋର ଅଭିଜ୍ଞତା ବାଣ୍ଟିବାର ସୁଯୋଗ ପାଇଁ ମୁଁ ବେଶ୍ ଉତ୍ସାହିତ ।

ଉଲ୍ଲେଖଯୋଗ୍ୟ, ୨୦୦୬ ରୁ ୨୦୨୨ ମଧ୍ୟରେ ନ୍ୟୁଜିଲାଣ୍ଡ ପାଇଁ ୧୧୨ ଟେଷ୍ଟ, ୨୩୬ ଦିନିକିଆ। ଏବଂ ୧୦୨ ଟି-୨୦ ଖେଳିବା ପରେ ଟେଲର ତାଙ୍କ ନ୍ୟୁଜିଲାଣ୍ଡ କ୍ୟାରିୟରରୁ ଅବସର ନେଇଥିଲେ ସେ ନ୍ୟୁଜିଲାଣ୍ଡର ସର୍ବକାଳୀନ ଉତ୍ତମ ଖେଳାଳିଙ୍କ ମଧ୍ୟରୁ ଅନ୍ୟତମ ନଭେମ୍ବର ୨୦୨୦ରେ ଶେଷ ଥର ପାଇଁ ଟି-୨୦ ଫର୍ମାଟରେ ଖେଳିଥିଲେ ମଧ୍ୟ ସେ ଏବେ ବି ନ୍ୟୁଜିଲାଣ୍ଡର ପଞ୍ଚମ ସର୍ବାଧିକ ରନ ସ୍କୋରର ଅଟନ୍ତି

## ୨୪ ଖୋ ଖୋ ଖେଳାଳିଙ୍କୁ ମିଳିଲା ନିଯୁକ୍ତି

ନୂଆଦିଲ୍ଲୀ, ୫।୯: ରିକ୍ରୁଟମେଣ୍ଟ ଟ୍ରାଏଲ୍‌ରେ ଉତ୍ତୀର୍ଣ୍ଣ ହେବା ପରେ ସ୍ପୋର୍ଟସ୍ କୋଟା ଜରିଆରେ ୨୪ ଖୋ ଖୋ ଖେଳାଳିଙ୍କୁ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍)ରେ ନିଯୁକ୍ତି ମିଳିଛି ସେମାନଙ୍କ ମଧ୍ୟରେ ୧୨ଜଣ ମହିଳା ରହିଛନ୍ତି।ନିଯୁକ୍ତି ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ଅଲ୍‌ଟିମେଟ୍ ଖୋ ଖୋରେ ମୁମ୍ବାଇ ଖିଲାଡ଼ିଜ୍ ତରଫରୁ ଖେଳୁଥିବା ଶେନଗାଲ ଗଜାନନ ମାରୁତି ଓ ବିସାଗ ଏସ୍ ଅନ୍ୟତମ ରହିଛନ୍ତି ସେହିପରି ମିନୁ ଖୋ ଖୋ ବିଶ୍ୱକପ୍‌ରେ ଭାରତରୁ ପ୍ରତିନିଧି କରିଥିବା ବେଳେ ସ୍ୱିଟି, ଅନନ୍ୟା ପ୍ରଧାନ ଭାରତ ବନାମ ମାଲେସିଆ। ଦ୍ୱିପାକ୍ଷିକ ସିରିଜରେ ଖେଳିଥିଲେ।ଏହି ପରିପ୍ରେକ୍ଷୀରେ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ। (କେକେଏଫଆଇ) ସଭାପତି ସୁଧାଂଶୁ ମିତ୍ତଲ କହିଛନ୍ତି। ଦେଶରେ ଖୋ ଖୋ ଖେଳ କ୍ରମେ ଲୋକପ୍ରିୟ ହେବାରେ ଲାଗିଛି। ନିଯୁକ୍ତି ସୁଯୋଗ ଯୋଗୁ ଏହି ଖେଳକୁ କ୍ୟାରିୟର କରିବା ଲାଗି ଯୁବପିଢ଼ି ଆଗଭର ହେବେ ବୋଲି ତାଙ୍କର ଆଶା।


# ପ୍ରଥମ ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟରଫାଇନାଲ୍‌ରେ ଭାମ୍ବ୍ରି

ନ୍ୟୁୟର୍କ,୫।୯; ଭାରତୀୟ ଟେନିସ୍ ତାରକା ୟୁକି ଭାମ୍ବ୍ରି ଚଳିତ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍‌ର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରି ଇତିହାସ ରଚିଛନ୍ତି ଏହା ହେଉଛି ବିଶ୍ୱମାନ୍ୟତାର ୩୨ତମ ସ୍ଥାନରେ ଥିବା ଭାମ୍ବ୍ରିଙ୍କ କ୍ୟାରିୟର୍‌ର ପ୍ରଥମ ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟରଫାଇନାଲ୍ ପ୍ରବେଶ ଚତୁର୍ଦ୍ଦଶ ସିଡ୍



ଭାମ୍ବ୍ରି ଓ ନ୍ୟୁଜିଲାଣ୍ଡର ମାଇକେଲ୍ ଭେନସ୍‌ଙ୍କ ଯୋଡ଼ି ପ୍ରିକ୍ୱାର୍ଟରରେ ଚତୁର୍ଥ ସିଡ୍ ଜର୍ମାନୀର କେଭିନ କ୍ରାଜ୍ ଓ ଟିମ୍ ପୁଏଜ୍‌ଙ୍କୁ ୬-୪, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ଏହି ଅନନ୍ୟ ସଫଳତା ଲାଭ କରିଛନ୍ତି ନିଜଠାରୁ ୧୦ଟି ସ୍ଥାନ ଉଚ୍ଚ ମାନ୍ୟତାପ୍ରାପ୍ତ ତଥା ଅଧିକ ସଫଳ ଓ ଅଭିଜ୍ଞ କ୍ରାଜ୍ ଓ ପୁଏଜ୍‌ଙ୍କୁ ହରାଇବାକୁ ଭାମ୍ବ୍ରି-ଭେନସ୍ ଏକ ଘଣ୍ଟା ୨୩ ମିନିଟ୍ କାଳ ଲଢ଼ିଥିଲେ କ୍ୱାର୍ଟରଫାଇନାଲ୍‌ରେ ସେମାନେ ଏକାଦଶ ସିଡ୍ କ୍ରୋଏସିଆର ନିକୋଲା ମେକଟିକ୍ ଓ ଆମେରିକାର ପୁରୁଖା ଖେଳାଳି ରାଜୀବ ରାମଙ୍କୁ ଭେଟିବେ ଆଘାତ ଜନିତ ସମସ୍ୟା ଜର୍ଜରିତ ୩୩ବର୍ଷୀୟ ଭାମ୍ବ୍ରି କେବବି କେଣସି ଗ୍ରାଣ୍ଡସ୍ଲାମ୍‌ର ପୁରୁଷ ଏକକର ପ୍ରଥମ ରାଉଣ୍ଡ ଆଗକୁ ବଢ଼ିପାରିନାହାନ୍ତି ତେବେ ଯୁଗଳରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରି ଚଳିତ ବର୍ଷର ଫ୍ରେଞ୍ଚ ଓପନ୍ ଓ ମ୍ବିଲଡନ୍ ଓପନ୍ ପୁରୁଷ ଯୁଗଳର ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ।ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ୍ ଟ୍ରଫି ଲକ୍ଷ୍ୟରେ ଥିବା ସର୍ବିଆର ମହାନ ଟେନିସ୍ ତାରକା ନୋଭାକ ଜୋକୋଭିକଙ୍କ ଜୟଯାତ୍ରା ଜାରି ରହିଛି ବୟୋଜ୍ୟେଷ୍ଠ ଖେଳାଳି ଭାବେ ୟୁଏସ୍ ଓପନ୍‌ର କ୍ୱାର୍ଟରଫାଇନାଲ୍‌କୁ ଯାଇଥିବା ୩୮ବର୍ଷୀୟ ଜୋକୋଭିକ ସ୍ଥାନୀୟ ତାରକା ଟେଲର ଫ୍ରିଜ୍‌ଙ୍କୁ ୬-୩, ୭-୫, ୩-୬, ୬-୪ ସେଟ୍‌ରେ ପରାସ୍ତ କରି ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି ବୁଧବାର ଜୋକୋଭିକଙ୍କ ୮ବର୍ଷୀୟ ଝିଅ ତାରାଙ୍କର ଅଷ୍ଟମ ଜନ୍ମଦିବସ ଥିଲା ବେଳେ ସେ ଏହାକୁ ସ୍ମରଣୀୟ କରିଛନ୍ତି ସେମିଫାଇନାଲ୍‌ରେ ଜୋକୋଭିକ୍ ଦ୍ୱିତୀୟ ସିଡ୍ କାର୍ଲୋସ୍ ଅଲ୍‌କାରାଜ୍‌ଙ୍କୁ ଭେଟିବେ ଅଲ୍‌କାରାଜ୍ ୬-୪, ୬-୨, ୬-୪ ସେଟ୍‌ରେ ଚେକ୍ ରିପବ୍ଲିକ୍‌ର ଜିରି ଲେହେକାଙ୍କୁ ହରାଇଥିଲେ । ମହିଳା ଏକକ ସେମିଫାଇନାଲ୍‌ରେ ଗତବର୍ଷ ଫାଇନାଲ୍‌ର ପୁନରାବୃତ୍ତି ଦେଖିବାକୁ ମିଳିବ ଚତୁର୍ଥ ସିଡ୍ ତଥା ସ୍ଥାନୀୟ ଖେଳାଳି ଜେସିକା ପେଗୁଲା ୬-୩, ୬-୩ରେ ଦୁଇଥର ଗ୍ରାଣ୍ଡସ୍ଲାମ୍ ବିଜୟିନୀ ବାର୍ବରା କ୍ରେଜିକୋଭାଙ୍କୁ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।ସେ ଗତଥର ବିଜୟିନୀ ଆରିନା ସାବାଲେଙ୍କାଙ୍କୁ ଭେଟିବେ।

# ଏସିଆ କପ୍ : ଦୁବାଇରେ ପହଞ୍ଚିଲା ଭାରତୀୟ ଦଳ



ଦୁବାଇ,୫।୯: ୯ ସେପ୍ଟେମ୍ବରରୁ ଏସିଆ। କପ୍ ୨୦୨୫ ଆରମ୍ଭ ହେବାକୁ ଯାଉଛି ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଦଳ ଦୁବାଇରେ ପହଞ୍ଚିଛି। ଭାରତର ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇରୁ ଦୁବାଇରେ ପହଞ୍ଚିଛି। ଯାହାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେବେ ଶୁବମନ ଗିଲ ଓ ଯସପ୍ରୀତ ବୁମରା ଏପର୍ଯ୍ୟନ୍ତ ଦୁବାଇରେ ପହଞ୍ଚିନାହାନ୍ତି ।ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ୍ୟ ଗୁରୁବାର ଦିଲ୍ଲୀରୁ ଦୁବାଇ ଯାଇଛନ୍ତି ତାଙ୍କ ବ୍ୟତୀତ ଦ୍ରୁତ ବୋଲର ହର୍ଷିତ ରାଣା, ଅର୍ଶଦୀପ ସିଂହ ଏବଂ କୁଲଦୀପ ଯାଦବଙ୍କ ସମେତ ଅନ୍ୟ ଭାରତୀୟ କ୍ରିକେଟରମାନେ ମଧ୍ୟ ଦୁବାଇରେ ପହଞ୍ଚିଛନ୍ତି ଅର୍ଶଦୀପଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟରୁ ଜଣାପଡିଛି ଯେ ସେ ଆଜି ସକାଳେ ଦୁବାଇ ଯାଇଛନ୍ତି ।ଭାରତ ନିଜର ପ୍ରଥମ ମ୍ୟାଚ ଆସନ୍ତା ୧୦ ତାରିଖରେ ୟୁଏଇ ବିରୋଧରେ ଖେଳିବ। ଭାରତୀୟ ଦଳ ଏସିଆ। କପ୍ ଟାଇଟଲ୍ ରକ୍ଷା କରିବାକୁ ଖେଳିବ ଶେଷ ଥର ପାଇଁ ଭାରତ ୨୦୨୩ ମସିହାରେ ଏସିଆ। କପ୍ ଫାଇନାଲରେ ଶ୍ରୀଲଙ୍କାକୁ ପରାସ୍ତ କରି ଭାରତ ଟାଇଟଲ୍ ଜିତିଥିଲା।

## ସେମିରେ ଜୋକୋଭିକ- ଅଲ୍‌କାରାଜ୍

ୱାଶିଂଟନ,୫।୯: ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ୍ ଟ୍ରଫି ଲକ୍ଷ୍ୟରେ ଥିବା ସର୍ବିୟାର ମହାନ ଟେନିସ୍ ତାରକା ନୋଭାକ ଜୋକୋଭିକଙ୍କ ଜୟଯାତ୍ରା ଜାରି ରହିଛି। ବୟୋଜ୍ୟେଷ୍ଠ ଖେଳାଳି ଭାବେ ୟୁଏସ୍ ଓପନ୍‌ର କ୍ୱାର୍ଟରଫାଇନାଲ୍‌କୁ ଯାଇଥିବା ୩୮ବର୍ଷୀୟ ଜୋକୋଭିକ ସ୍ଥାନୀୟ ତାରକା ଟେଲର ଫ୍ରିଜ୍‌ଙ୍କୁ ୬-୩, ୭-୫, ୩-୬, ୬-୪ ସେଟ୍‌ରେ ପରାସ୍ତ କରି ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ବୁଧବାର ଜୋକୋଭିକଙ୍କ ୮ବର୍ଷୀୟ ଝିଅ ତାରାଙ୍କର ଅଷ୍ଟମ ଜନ୍ମଦିବସ ଥିଲା ବେଳେ ସେ ଏହାକୁ ସ୍ମରଣୀୟ କରିଛନ୍ତି ସେମିଫାଇନାଲ୍‌ରେ ଜୋକୋଭିକ୍ ଦ୍ୱିତୀୟ ସିଡ୍ କାର୍ଲୋସ୍ ଅଲ୍‌କାରାଜ୍‌ଙ୍କୁ ଭେଟିବେ ଅଲ୍‌କାରାଜ୍ ୬-୪, ୬-୨, ୬-୪ ସେଟ୍‌ରେ ଚେକ୍ ରିପବ୍ଲିକ୍‌ର ଜିରି ଲେହେକାଙ୍କୁ ହରାଇଥିଲେ । ମହିଳା ଏକକ ସେମିଫାଇନାଲ୍‌ରେ ଗତବର୍ଷ ଫାଇନାଲ୍‌ର ପୁନରାବୃତ୍ତି ଦେଖିବାକୁ ମିଳିବ। ଚତୁର୍ଥ ସିଡ୍ ତଥା ସ୍ଥାନୀୟ ଖେଳାଳି ଜେସିକା ପେଗୁଲା ୬-୩, ୬-୩ରେ ଦୁଇଥର ଗ୍ରାଣ୍ଡସ୍ଲାମ୍ ବିଜୟିନୀ ବାର୍ବରା କ୍ରେଜିକୋଭାଙ୍କୁ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି।ସେ ଗତଥର ବିଜୟିନୀ ଆରିନା ସାବାଲେଙ୍କାଙ୍କୁ ଭେଟିବେ।

### ଏସିଆ କପ୍ ଟି-ଟ୍ୱେଣ୍ଟି

## ୟୁଏଇ ନେତୃତ୍ୱ ନେବେ ୱାସିମ

ଆବୁଧାବି,୦୫/୦୯: ଆସନ୍ତା ଏସିଆ। କପ୍ ଟି‌ଟ୍ୱେଣ୍ଟି ଟୁର୍ଣ୍ଣାମେଣ୍ଟ ପାଇଁ ଆୟୋଜକ ୟୁଏଇ ଦଳ ଘୋଷଣା ହୋଇଛି ଓପନିଂ ବ୍ୟାଟର ମହମ୍ମଦ ।ସିମ ଦଳର ନେତୃତ୍ୱ ନେବେ ପେସ୍ ବୋଲର ମାତିଉଲ୍ଲା ଖାନ୍ ଓ ବାମ ହାତି ସ୍ପିନର ସିମରନଜିତ ସିଂହ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଚଳିତ ତ୍ରି-ରାଷ୍ଟ୍ରୀୟ ଟି-ଟ୍ୱେଣ୍ଟି ସିରିଜରେ ଦଳର ସଦସ୍ୟ ଥିବା ସମସ୍ତ ଖେଳାଳି ସ୍ଥାନ ବଜାୟ ରଖିଛନ୍ତି ।

ୟୁଏଇ ଦୀର୍ଘ ଦିନ ପରେ ଏସିଆ। କପ୍ ଖେଳିବାକୁ ଯାଉଛି ଶେଷ ଥର ଦଳ ୨୦୧୬ ସଂସ୍କରଣରେ ଭାଗ ନେଇଥିଲା ଏଥର ଦଳ ଗ୍ରୁପ୍-ଏରେ ଭାରତ, ଓମାନ, ପାକିସ୍ତାନ ସହ ସ୍ଥାନ ପାଇଛି । ଆସନ୍ତା ୯ ତାରିଖରୁ ଏସିଆ। କପ୍ ଆରମ୍ଭ ହୋଇ ୨୮ତାରିଖରେ ଶେଷ ହେବ। ୟୁଏଇ ୧୦ ତାରିଖ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ବିପକ୍ଷରେ ଅଭିଯାନ ଆରମ୍ଭ କରିବ ।ୟୁଏଇ ଦଳ: ମହମ୍ମଦ ୱାସିମ (ଅଧିନାୟକ), ଆଲିଶନ ଶରାଫୁ, ଆର୍ଯ୍ୟଂଶ ଶର୍ମା, ଆସିଫ୍ ଖାନ, ଧ୍ରୁବ ପରାଶର, ଇଥାନ ଡିସୌଜା, ହାଇଦର ଅଲି, ହର୍ଷିତ କୌଶିକ, ଜୁନୈଦ ସିଦ୍ଦିକି, ମାତିଉଲ୍ଲା ଖାନ, ମହମ୍ମଦ ଫାରୁକ, ମହମ୍ମଦ ଜାଦୁଲ୍ଲା, ମହମ୍ମଦ ଜୋହେବ, ରାହୁଲ ଚୋପ୍ରା, ରୋହିଦ ଖାନ, ସିମରନଜିତ ସିଂହ, ସାଘିର ଖାନ୍।

# ୧୩ରୁ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍

## ୨୦ ଜଣିଆ ଭାରତୀୟ ଦଳରେ ୫ ମହିଳା, ୨୦୦ ମିଟରରେ ପ୍ରତିନିଧି କରିବେ ଅନିମେଶ

ନୂଆଦିଲ୍ଲୀ,୦୫/୦୯: ଆସନ୍ତା ୧୩ ତାରିଖରୁ ଟୋକିଓରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ । ବିଶ୍ୱ ଆଥଲେଟିକ୍ସର ଏହି ମହାପର୍ବ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି ଅଲିମ୍ପିକ୍ସ ପଦକ ବିଜେତା ତଥା ଡିଫେଣ୍ଡିଂ ଚାମ୍ପିଅନ ନୀରଜ ଚୋପ୍ରାଙ୍କୁ ଛାଡ଼ି ଏଏଫ୍‌ଆଇ (ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ।) ପକ୍ଷରୁ ୧୯ ଜଣିଆ। ଦଳ ଘୋଷଣା କରାଯାଇଛି ଯେଉଁ ଦଳରେ ୫ ଜଣ ମହିଳା ରହିଛନ୍ତି ଡିଫେଣ୍ଡିଂ ଚାମ୍ପିଅନ ଭାବରେ ନୀରଜଙ୍କୁ ।ଇଲ୍ଡ କାର୍ଡ ଏଣ୍ଟ୍ରି ମିଳିଛି ତେଣୁ ଏହି ସଂସ୍କରଣରେ ୨୦ ଜଣ ଭାରତୀୟ ପ୍ରତିନିଧି କରିବାର ସୁଯୋଗ ପାଇଛନ୍ତି

ପ୍ରଥମ ଥର ଜାଭେଲିନରେ ୪ ଜଣ ବିଶ୍ୱ ଆଥଲେଟିକ୍ସ ଇତିହାସରେ ପୂର୍ବରୁ କେବେ ୪ ଜଣ ଭାରତୀୟ ଜାଭେଲିନ ଥ୍ରୋରେ ପ୍ରତିନିଧି କରିବାର ସୁଯୋଗ ପାଇନଥିଲେ। ଏଥର ପ୍ରଥମ ଥର ନୀରଜଙ୍କୁ ମିଶାଇ ୪ ଜଣ ପ୍ରତିନିଧି କରିବେ। ସେମାନେ ହେଲେ ରୋହିତ ଯାଦବ, ସଚିନ ଯାଦବ ଓ ଯଶ ବୀର ସିଂ ରୋହିତଙ୍କୁ ଆୟୋଜକଙ୍କ ପକ୍ଷରୁ ଆମନ୍ତ୍ରଣ କରାଯାଇଛି। କିନ୍ତୁ ସଚିନ ଓ ଯଶବୀର ବିଶ୍ୱ ମାନ୍ୟତା ଅନୁସାରେ ଯୋଗ୍ୟତା ହାସଲ କରିଛନ୍ତି । ୨୦୨୩ ସଂସ୍କରଣରେ ନୀରଜ ୮୮.୧୭ ମିଟର ଥ୍ରୋ କରି ସ୍ୱର୍ଣ୍ଣ ଜିତିଥିଲେ। ପାକିସ୍ତାନର ଅର୍ଶଦ ନଦୀମ (୮୭.୮୨ ମିଟର) ରୌପ୍ୟ ଏବଂ ଚେକ୍ ଗଣରାଜ୍ୟର ଜାକୁବ ଭାଦଲେଚ (୮୬.୬୭ ମିଟର) ବ୍ରୋଞ୍ଜ ଜିତିଥିଲେ । ଗତ ଅଲିମ୍ପିକ୍ସରେ ନଦୀମ



ସ୍ୱର୍ଣ୍ଣ ଜିତିଥିଲେ । ଟୋକିଓରେ ମଧ୍ୟ ସେ ଅଂଶ ଗ୍ରହଣ କରିବେ ନୀରଜ ଓ ନଦୀମଙ୍କ ମଧ୍ୟରେ ଟାଇଟଲ ପାଇଁ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଛି ।

ଅନିମେଶ ରଚିଲେ ଇତିହାସ ପୂର୍ବରୁ ପୁରୁଷ ବର୍ଗରେ କୌଣସି ଭାରତୀୟ ୨୦୦ ମିଟରରେ ପ୍ରତିନିଧି କରିବାର ସୁଯୋଗ ପାଇନଥିଲେ କିନ୍ତୁ ପ୍ରଥମ ଥର ଅନିମେଶ କୁଜୁର ଏହି ଇଭେଣ୍ଟରେ ଯୋଗ୍ୟତା ହାସଲ କରି ଇତିହାସ ରଚିଛନ୍ତି ।ଯଦିଓ ସେ ସିଧାସଳଖ ଯୋଗ୍ୟତା ହାସଲ କରି ନାହାନ୍ତି, ମାତ୍ର ବିଶ୍ ମାନ୍ୟତା ଅନୁସାରେ ତାଙ୍କୁ ଟୋକିଓ ଟିକେଟ୍ ମିଳିଛି। ଅନିମେଶଙ୍କ ଶ୍ରେଷ୍ଠ ଟାଇମିଂ ରହିଛି ୨୦.୩୨ ସେକେଣ୍ଡ। ଉଭୟ ୨୦୦ ଓ ୧୦୦ ମିଟରରେ (୧୦.୧୮ ସେକେଣ୍ଡ) ସେ ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି ।

ଭାରତ ପୂର୍ବାପେକ୍ଷା ଏଥର ବଡ଼ ଦଳ ଟୋକିଓ ପଠାଉଛି କିନ୍ତୁ ଆହତ ଯୋଗୁ ଦେଶର କିଛି ଶ୍ରେଷ୍ଠ କ୍ରୀଡ଼ାବିତ ବିଶ୍ ଚାମ୍ପିଅନସିପ୍ ଖେଳିବାର ସୁଯୋଗ ହାତଛଡ଼ା କରିଛନ୍ତି ସେମାନେ ହେଲେ ଏସିଆଡ୍ ଚାମ୍ପିଅନ ଓ ଜାତୀୟ ରେକର୍ଡଧାରୀ ୩୦୦୦ ମିଟର ଷ୍ଟିପଲଚେଜର ଅବିନାଶ ସାବଲେ, ମହିଳା ହେପଟାଥଲନରେ ଏସିଆନ ଚାମ୍ପିଅନ ନନ୍ଦିନୀ ଆଗାସାରା ଏବଂ ରେସାକର ଆକାଶଦୀପ ସିଂ ଏମାନେ ଯୋଗ୍ୟତା ହାସଲ କରିଥିଲେ ବି ଆହତ ଯୋଗୁ ବଞ୍ଚିତ ହୋଇଛନ୍ତି। ପଦକ ଆଶା ଜାଭେଲିନରେ ନୀରଜଙ୍କ ଠାରୁ ଏକ ପଦକ ନିଶ୍ଚିତ ରହିଛି। ଅନ୍ୟମାନେ ଯଦି ନିଜ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦିଅନ୍ତି, ତେବେ ଗୁଲବୀର ସିଂ, ପ୍ରବୀଣ ଚିତ୍ରାଭେଲ ଓ ପାରୁଲ ଚୌଧୁରୀ ପଦକ ଦୌଡ଼ରେ ସାମିଲ ହୋଇପାରନ୍ତି ।ଭାରତୀୟ ଦଳ ପୁରୁଷ: ନୀରଜ ଚୋପ୍ରା-ଜାଭେଲିନ, ଗୁଲବୀର ସିଂ - ୫୦୦୦ ମିଟର, ପ୍ରବୀଣ ଚିତ୍ରାଭେଲ-ଟ୍ରିପଲ ଜମ୍ପ, ଅବଦୁଲ୍ଲା ଅବୁବେକର-ଟ୍ରିପଲ ଜମ୍ପ, ସର୍ଭେସ କୁଶାରେ-ହାଇ ଜମ୍ପ, ଅନିମେଶ କୁଜୁର-୨୦୦ ମିଟର, ସଚିନ ଯାଦବ, ଜାଭେଲିନ, ଯଶ ବୀର ସିଂ-ଜାଭେଲିନ, ମୂରଲୀ ଶ୍ରୀଶଙ୍କର-ଲଙ୍ଗ ଜମ୍ପ,ସର୍ଭିନ ସେବାଷ୍ଟିଆନ-୨୦ କି.ମି ରେସାକ, ରାମ ବାବୁ-୩୫ କି.ମି ରେସାକ, ଗୁଲବୀର ସିଂ-୧୦୦୦୦ ମିଟର, ସନ୍ଦୀପ କୁମାର-୩୫ କି.ମି ରେସାକ, ରୋହିତ ଯାଦବ-ଜାଭେଲିନ ଓ ତେଜାସ ଶିର୍ଷେ-୧୧୦ ମିଟର ହର୍ଡଲ୍ସ । ମହିଳା: ପାରୁଲ ଚୌଧୁରୀ-୩୦୦୦ ମିଟର ଷ୍ଟିପଲଚେଜ, ଅନୁ ରାଣୀଜାଭେଲିନ, ପ୍ରିୟଙ୍କା ଗୋସ୍ୱାମୀ-୩୫ କି.ମି ରେସାକ, ଅଙ୍କିତା-୩୦୦୦ ମିଟର ଷ୍ଟିପଲଚେଜ ଏବଂ ପୂଜା-୧୫୦୦ ଓ ୮୦୦ ମିଟର ।

## ଜୁନିୟର ହକି ବିଶ୍ୱକପ୍: ଭାରତରେ ଖେଳିବନି ପାକିସ୍ତାନ୍ ଟିମ୍

ନୂଆଦିଲ୍ଲୀ,୦୫।୦୯: ଚେନ୍ନାଇରେ ନଭେମ୍ବର ୨୮ରୁ ଆୟୋଜିତ ହେବାକୁ ଯାଉଥିବା ଏଫ୍‌ଆଇଏଚ୍ ପୁରୁଷ ଜୁନିୟର ବିଶ୍ୱକପ୍ ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଖେଳିବ ନାହିଁ ପୂର୍ବରୁ ଏସିଆ। କପ୍ ହକିରୁ ମଧ୍ୟ ଓହରି ଯାଇଥିଲା । ପାକିସ୍ତାନ ହକି ସଂଘର ସଭାପତି ତାରିକ ବୁଗଟି କହିଛନ୍ତି, ଭାରତରେ ଆୟୋଜିତ ହେବାକୁ ଯାଉଥିବା ବିଶ୍ୱକପ୍‌ରେ ପାକିସ୍ତାନ ଜୁନିୟର ଦଳ ଭାଗ ନେବ ନାହିଁ । ବର୍ତ୍ତମାନ ଯେଉଁ ସ୍ଥିତି ଭାରତ ଗସ୍ତରେ ଯିବା ଆମ ପାଇଁ ଅସମ୍ଭବ ଭବିଷ୍ୟତରେ ବି ସମ୍ଭବ ନୁହେଁ ଯଦି ଭାରତୀୟ ଦଳ ପାକିସ୍ତାନ ଆସୁ ନାହିଁ, ତେବେ ପାକିସ୍ତାନ ଦଳ ମଧ୍ୟ ଭାରତ ଗସ୍ତରେ ଯିବ ନାହିଁ । ରାଜଗିରରେ ଚାଲିଛି ପୁରୁଷ ଏସିଆ। କପ୍ ଭାରତ ଗସ୍ତରେ ନଆସି ପାକିସ୍ତାନ ନିରପେକ୍ଷ ଭେନ୍ୟୁରେ ଖେଳିବାର ପ୍ରସ୍ତାବ ଦେଇଥିଲା । ମାତ୍ର ତାହା ଗ୍ରହଣୀୟ ନହେବାରୁ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଥିଲା । ପାକିସ୍ତାନ ସ୍ଥାନରେ ବାଂଲାଦେଶକୁ ନିମନ୍ତ୍ରଣ କରାଯାଇଥିଲା। ସେମିତି ଓମାନ କୌଣସି କାରଣରୁ ନଆସିବାରୁ କାଜାଖସ୍ତାନ ସାମିଲ ହୋଇଥିଲା ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ